ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୬ ଜୁନ୍, ୨୦୨୧

**ନାବାଳିକାଙ୍କୁ ଅସଦାଚରଣ: ଯୁବକ ଗିରଫ**

ଭୁବନେଶ୍ୱର,(ବ୍ୟୁରୋ): ନାବାଳିକାଙ୍କୁ ଅସଦାଚରଣ କରି ଚେନ୍ ଲୁଟ କରିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଶାସ୍ତ୍ରୀନଗର ତାରିଣୀ ବସ୍ତିର ସୁବ୍ରତ ରଞ୍ଜନ ଦାସ। ସୂଚନା ଅନୁଯାୟୀ, ଏପ୍ରିଲ ୪ରେ ଅଭିଯୁକ୍ତ ସୁବ୍ରତ ଶାସ୍ତ୍ରୀନଗର ଅଞ୍ଚଳର ଜଣେ ୧୭ ବର୍ଷୀୟ ବାଳିକାଙ୍କୁ ଅସଦାଚରଣ କରି ସେ ପିନ୍ଧିଥିବା ସୁନା ଚେନ ଲୁଟ୍ କରିବା ସହ ତାଙ୍କୁ ହତ୍ୟା ଧମକ ଦେଇଥିଲେ। ଏ ନେଇ ଅଭିଯୋଗକ୍ରମେ ପୋଲିସ (ନଂ-୧୪୧/୨୧)ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।



## ସଂକ୍ଷେପରେ

### ୩୯ କନଷ୍ଟେବଲଙ୍କ ପ୍ରଶିକ୍ଷଣ ସରିଲା

## ସାଇଣ୍ଟିଫିକ୍ ଆସୋସିଏଟ୍ ଭାବେ କାର୍ଯ୍ୟ କରିବେ

**ଭୁବନେଶ୍ୱର,୨୫।୬(ବ୍ୟୁରୋ):** ଅପରାଧ ଘଟିବା ପରେ ଅପରାଧୀକୁ ଧରିବା ପାଇଁ ପ୍ରାଥମିକ ତଦନ୍ତ ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଘଟଣା ସ୍ଥଳରେ ଅପରାଧୀ ଛାଡ଼ିଥିବା ପ୍ରମାଣ ହିଁ ତାକୁ ପୋଲିସ ହାତରେ ଧରା ପକାଇଥାଏ। ତେବେ ଅନେକ ସମୟରେ ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ପ୍ରମାଣ ସଂଗ୍ରହ କରିପାରୁ ନ ଥିବାରୁ ବା ବିଳମ୍ବ ହେଉଥିବାରୁ ପ୍ରମାଣ ନଷ୍ଟ ହୋଇଯାଉଛି। ଫଳରେ ଘଟଣାର ତଦନ୍ତରେ ବିଭିନ୍ନ ସମସ୍ୟା ଦେଖାଯାଉଛି। ତେଣୁ ଘଟଣାସ୍ଥଳରୁ ତଥ୍ୟ ପ୍ରମାଣ ସଂଗ୍ରହ କରିବା ଓ ତଦନ୍ତ ଅଧିକାରୀଙ୍କୁ ସାହାଯ୍ୟ କରିବାକୁ କମିଶନରେଟ ପୋଲିସର ୩୯ଜଣ କନ୍‌ଷ୍ଟେବଲଙ୍କୁ ଫୋରେନ୍‌ସିକ୍ ଟ୍ରେନିଂ ଦିଆଯାଇଛି। କମିଶନରେଟ୍ ପୋଲିସ ମୁଖ୍ୟାଳୟରେ ଗତ ୧୬ ତାରିଖରୁ ଆରମ୍ଭ ହୋଇ ୧୦ଦିନ ଧରି ଚାଲିଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ଶେଷ ହୋଇଛି। ପ୍ରଶିକ୍ଷଣ ଶେଷ କରିଥିବା ଏହି କନ୍‌ଷ୍ଟେବଲଙ୍କୁ ଦ୍ୱୈତନଗରୀ ଭୁବନେଶ୍ୱର-କଟକର ଥାନାଗୁଡ଼ିକରେ ସାଇଣ୍ଟିଫିକ୍ ଆସୋସିଏଟ୍ ଭାବେ ନିଯୁକ୍ତ କରାଯିବ। ପ୍ରତ୍ୟେକ ଥାନାରେ ଜଣେ ଲେଖାଏ ସାଇଣ୍ଟିଫିକ୍ ଆସୋସିଏଟ୍ କାର୍ଯ୍ୟ କରିବେ ବୋଲି କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି।

## ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ବସ୍ତି ସଂଘର୍ଷ ସମିତି

**ଭୁବନେଶ୍ୱର,୨୫।୬(ବ୍ୟୁରୋ):** ଓଡ଼ିଶାରେ ଥିବା ବସ୍ତିବାସିନ୍ଦାଙ୍କୁ ଜମିପଟ୍ଟା ଯୋଗାଇ ଦେବା ପାଇଁ ଓଡ଼ିଶା ବସ୍ତି ସଂଘର୍ଷ ସମିତି ପକ୍ଷରୁ ଦୀର୍ଘବର୍ଷ ଧରି ଆନ୍ଦୋଳନ କରାଯାଉଥିଲା। ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ପ୍ରାୟ ୭୦ହଜାର ବସ୍ତିବାସିନ୍ଦାଙ୍କୁ ଜମି ପଟ୍ଟା ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି। ମ୍ୟୁନିସିପାଲିଟି କର୍ପୋରେଶନ ସଂଶୋଧନ କରାଯିବା ଓ ବସ୍ତିବାସିନ୍ଦାଙ୍କୁ ଜମି ପଟ୍ଟା ଯୋଗାଇ ଦେବା ନିଷ୍ପତ୍ତିକୁ ସମିତିର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ ସ୍ୱାଗତ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ଏବଂ ନଗର ଉନ୍ନୟନ ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହାଦ୍ୱାରା ୨,୯୧୨ଜଣ ବସ୍ତିର ୭୦ହଜାର ଲୋକଙ୍କୁ ସରକାରୀ ଜମିପଟ୍ଟା ଯୋଗାଇ ଦିଆଯିବ। ଏଥିସହିତ ବିଜୁଳି, ପରିମଳ, ସ୍ୱାସ୍ଥ୍ୟ ଓ ଶିକ୍ଷାକୁ ମଧ୍ୟ ଗୁରୁତ୍ୱ ଦିଆଯିବ ବୋଲି ମନ୍ତ୍ରୀ ଘୋଷଣା କରିଛନ୍ତି। ସମସ୍ତ ୧୧୪ ପୌରସଂସ୍ଥା ୨୦୨୧-୨୦୨୨ ବଜେଟରେ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଯେତିକି ବଜେଟ ରଖାଯାଇଥିଲା, ସେଥିମଧ୍ୟରୁ ୨୫ ପ୍ରତିଶତ ବସ୍ତି ଅଞ୍ଚଳର ବିକାଶ ପାଇଁ ଖର୍ଚ୍ଚ କରାଯିବ। ସମସ୍ତ ବସ୍ତି ବାସିନ୍ଦାଯେପରି ଜମି ପଟ୍ଟା ଠିକ୍ ଭାବେ ପାଇବେ, ସେଥିପ୍ରତି ଦୃଷ୍ଟି ଦେବାକୁ ପ୍ରତାପ ନିବେଦନ କରିଛନ୍ତି।

## କୋଭିଡ୍ ସଚେତକଙ୍କୁ ପିପିଇ କିଟ୍ ବଣ୍ଟନ

**ପୁରୁଣା ଭୁବନେଶ୍ୱର,୨୫।୬(ଡି.ଏନ.ଏ):** ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଶିଶୁପାଳଗଡ଼, ଲିଙ୍ଗିପୁର, ଧଉଳି, ଇଟିପୁର, ଟିକରପଡା ଏବଂ ବାସୁଆଘାଇ ୬ଅଞ୍ଚଳରେ କୋଭିଡ ସଚେତକଙ୍କୁ ଏକାମ୍ର ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପିପିଇ କିଟ୍, ଅକ୍ସି ମିଟର, ମାସ୍କ ପ୍ରଭୃତି ଇନ୍ଦିରା କଲୋନୀ କମ୍ୟୁନିଷ୍ଟ ସେଣ୍ଟରରେ ବଣ୍ଟନ କରିଥିଲେ। ଏହି ଅବସରରେ କରୋନା ଆକ୍ରାନ୍ତଙ୍କୁ ସଚେତକମାନେ କିପରି ସାହାଯ୍ୟ କରିବେ ଏବଂ ଜନସାଧାରଣଙ୍କୁ ମହାମାରୀ ବିଷୟରେ ସଚେତନ କରାଇବେ ସେଥିପାଇଁ ପରାମର୍ଶ ଦେଇଥିଲେ। ଆଗକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁସାରେ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିର ଅନୁଦାନରେ ମହିଳା ସ୍ୱୟଂ ସହାୟିକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ କପଡ଼ା ମାସ୍କ ସମସ୍ତ ପଞ୍ଚାୟତରେ ବଣ୍ଟନ କରାଯିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ଦୀପ୍ତିମୟୀ ସୁନ୍ଦରାୟ, ସରପଞ୍ଚ ରୀନାରାଣୀ ବେହେରା, ସଂଘମିତ୍ରା ପାଲ, ଇତିଶ୍ରୀ ଚମ୍ପତି ସମିତି ସଭ୍ୟ ଭଗବାନ ସାହୁ, ସାମାଜିକ କର୍ମୀ ସୁବାସସୁନ୍ଦର ରାୟ, ଅକ୍ଷୟ ବରାଳ, କୃଷ୍ଣଚନ୍ଦ୍ର ସାହୁ, ଆଲୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅପହୃତା ନାବାଳିକାଙ୍କୁ ଖୋଜୁନି ପୋଲିସ

### ବୁଲୁଛନ୍ତି ଅପହର୍ତ୍ତା, ଦେଉଛନ୍ତି ଧମକ

### ପୋଲିସ କମିଶନରଙ୍କୁ ଅଭିଯୋଗ କଲେ ମହିଳା

ଭୁବନେଶ୍ୱର,୨୫।୬(ବ୍ୟୁରୋ)



ନାବାଳିକା ଝିଅକୁ ଅପହରଣ କରାଯାଇଥିବା ନେଇ କ୍ୟାପିଟାଲ ଥାନାରେ ଅଭିଯୋଗ କରିଛନ୍ତି ବିଧବା ମା'। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରିଥିଲେ ମଧ୍ୟ ତଦନ୍ତ ନ କରି ଚୁପ୍ ବସିଛି। ମହିଳା ଜଣକ ୨ ମାସ ହେବ ଥାନାକୁ ଦୌଡ଼ି ନିରାଶ ହେବା ପରେ ନ୍ୟାୟ ପାଇବା ପାଇଁ ଶେଷରେ ଶୁକ୍ରବାର ପୋଲିସ କମିଶନରଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଅଭିଯୋଗକାରିଣୀ ମହିଳା ଜଣକ କ୍ୟାପିଟାଲ ଥାନା ଅନ୍ତର୍ଗତ କେଦାରପଲ୍ଲୀ ଅଞ୍ଚଳରେ ରୁହନ୍ତି। ଗତ ଏପ୍ରିଲ ୫ରେ ତାଙ୍କ ନାବାଳିକା ଝିଅକୁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଅପହରଣ କରି ନେଇଥିବା ନେଇ ସେ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ଏକ ମାମଲା(୨୨୧/୨୧) ରୁଜୁ କରିଥିଲା। ହେଲେ ମହିଳା ଜଣକ କମିଶନରଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ, ସମ୍ପୃକ୍ତ ଅଭିଯୁକ୍ତ ଜଣକ ରାଜଧାନୀର ଦିବାଲୋକରେ ଗାଡ଼ି ଧରି ବୁଲୁଥିବାବେଳେ ପୋଲିସ ତାଙ୍କୁ ଗିରଫ କରୁନାହିଁ। ଲକ୍‌ଡାଉନ୍ ପାଇଁ ପୋଲିସ କିଛି କରିପାରୁ ନ ଥିବା ଥାନା ପକ୍ଷରୁ କୁହାଯାଉଛି। ଏମିତିକି ତାଙ୍କ ନାବାଳିକା ଝିଅକୁ ହତ୍ୟା କରାଯାଇଥାଇପାରେ ବୋଲି ସନ୍ଦେହ କରି ମହିଳା ଜଣକ ବାରମ୍ବାର ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ପୋଲିସ ତାଙ୍କ କଥା ଶୁଣୁ ନାହିଁ। ଘଟଣା ସମ୍ପର୍କରେ ଥାନା ଆଇଆଇସି ଓ ଏସିପିଙ୍କୁ ଏକାଧିକ ଥର ଭେଟି ଝିଅକୁ ଉଦ୍ଧାର ପାଇଁ ନେହୁରା ହେବା ସତ୍ତ୍ୱେ ବାହାନା ଦେଖାଇ ସମୟ ଗଡ଼ାଉଛନ୍ତି। କିଛିଦିନ ତଳେ ଅଭିଯୁକ୍ତ ଜଣକ ଭୁବନେଶ୍ୱରରେ ଗାଡ଼ି ଧରି ବୁଲୁଥିବା ଦେଖି ଥାନାକୁ ଜଣାଇଥିଲେ ମହିଳା। ହେଲେ ପୋଲିସ ତାଙ୍କୁ ଗିରଫ କରି ନ ଥିଲା। ଫଳରେ ଅଭିଯୁକ୍ତ ଜଣକ ତାଙ୍କୁ ଫୋନ୍ କରି ଧମକ ଦେଉଛନ୍ତି। 'ତୋ ଝିଅକୁ ମାରିଛୁ, ତୋତେ ମଧ୍ୟ ମାରିଦେବୁ। ତୁ କ'ଣ କରିବୁ, କୋଉ ଥାନାକୁ ଯିବୁ ଯା' ବୋଲି ଅଭିଯୁକ୍ତ କହିଛନ୍ତି। ଏନେଇ ମଧ୍ୟ ଥାନାଧିକାରୀଙ୍କୁ ଜଣାଇଥିବା ସେ ଉଲ୍ଲେଖ କରିଛନ୍ତି। ଏପରିକି ଟଙ୍କା ନ ଥିବାରୁ ଥାନାରେ କିଛି ଦେଇପାରି ନାହିଁ। ତେଣୁ ପୋଲିସ କିଛି କରୁ ନ ଥିବା ସେ କମିଶନରଙ୍କ ନିକଟରେ ଅଭିଯୋଗ କରି ନ୍ୟାୟ ନିବେଦନ କରିଛନ୍ତି। ତେବେ ଥାନାଧିକାରୀଙ୍କ ବିରୋଧରେ କମିଶନରଙ୍କୁ ଏଭଳି ଅଭିଯୋଗ ପୋଲିସର କାର୍ଯ୍ୟଧାରା ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ନିଖୋଜ ନାବାଳିକାଙ୍କୁ ଉଦ୍ଧାର ଲାଗି ସ୍ୱତନ୍ତ୍ର ସେଲ୍ କରାଯାଇଥିଲେ ମଧ୍ୟ ଏହି ମାମଲାରେ ପୋଲିସ କାହିଁକି ଚୁପ୍ ରହିଛି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

ଘଟଣା ସମ୍ପର୍କରେ ଥାନା ଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି, 'ଅଭିଯୁକ୍ତ କେଉଁଠି ଅଛି ଜାଣିଛୁ, ଆମର ଅସୁବିଧା ଅଛି ବୋଲି ଧରିନାହୁଁ। ତେବେ ଅଭିଯୁକ୍ତଙ୍କୁ ଧରିବାରେ କ'ଣ ଅସୁବିଧା ଅଛି ବୋଲି ପଚାରିବାରୁ, ଏହା ଏକ ନାବାଳିକା ମାମଲା, ଏ ସମ୍ପର୍କରେ କିଛି କହିପାରିବି ନାହିଁ ବୋଲି ଉତ୍ତେଜିତ ଗଳାରେ କହି ସେ ଅଧାରୁ ଫୋନ୍ କାଟିଦେଇଥିଲେ।

### ଭୟ ଛାଡ଼ିଗଲା ପରେ...





କରୋନା ପାଇଁ ଲକ୍‌ଡାଉନ କଟକଣା ସତ୍ତ୍ୱେ ଭୁବନେଶ୍ୱର ୟୁନିଟ୍-୧ ଅସ୍ଥାୟୀ ପରିବା ହାଟ ଓ ଖାରପଡ଼ା ଓଭରବ୍ରିଜ୍ ପାର୍ଶ୍ୱ ରାସ୍ତାରେ ଭିଡ଼।

## ପ୍ଲଟ୍ ଦେବା ନାଁରେ ୧୫ ଲକ୍ଷ ଠକେଇ

### ୪ବର୍ଷ ପରେ ସଂସ୍ଥାର ଏମ୍‌ଡି ଗିରଫ

ଭୁବନେଶ୍ୱର,୨୫।୬(ବ୍ୟୁରୋ)

ଜଣେ ବ୍ୟକ୍ତିଙ୍କୁ ଏକ ବିଲ୍ଡର ସଂସ୍ଥା ପ୍ଲଟ ଦେବାକୁ କହି ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଛି। ଠକେଇ ଅଭିଯୋଗର ଦୀର୍ଘ ୪ ବର୍ଷ ପରେ ମଞ୍ଚେଶ୍ୱର ଥାନା ପୋଲିସ ବିଲ୍ଡର ସଂସ୍ଥାର ଏମ୍‌ଡିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଶହୀଦନଗର ଥାନା ଭିଏସ୍‌ଏସ୍ ନଗରରେ ରହୁଥିବା ଅମିୟ କୁମାର ରଥ(୫୦)। ସୂଚନା ଅନୁଯାୟୀ, ଅମିୟ ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଏକ ବିଲ୍ଡର ସଂସ୍ଥା କରି ଜମି କିଣାବିକା ବ୍ୟବସାୟ କରନ୍ତି। ତେବେ ୨୦୧୪ ଏପ୍ରିଲ ୨ରେ ଚନ୍ଦ୍ରଶେଖରପୁର ଥାନା ବିଡିଏ କଲୋନୀରେ ରହୁଥିବା ବିଜୟ ସ୍ୱାଇଁ ମଞ୍ଚେଶ୍ୱର ରେଳ ଷ୍ଟେସନ ନିକଟ ଗାଡକଣ ଅଞ୍ଚଳରେ ଏକ ପ୍ଲଟ କିଣିବାକୁ ଯାଇ ସଂସ୍ଥାର ଏମ୍‌ଡି ଅମିୟଙ୍କୁ ପର୍ଯ୍ୟାୟକ୍ରମେ ୧୫ ଲକ୍ଷ ୬୦ ହଜାର ଟଙ୍କା ଦେଇଥିଲେ । ତେବେ ଅମିୟ ତାଙ୍କୁ ଏକ ଦସ୍ତଖତ ନ ଥିବା ଏକ ରେଜିଷ୍ଟ୍ରେଶନ କାଗଜ ଦେଇ କିଛିଦିନ ପରେ ପ୍ଲଟର ପ୍ରକୃତ ପଟ୍ଟା ଦେବା ପାଇଁ କହି ଦେଇ ନ ଥିଲେ । ଏ ନେଇ ତାଙ୍କର ସନ୍ଦେହ ଉପୁଜିବାରୁ ବିଜୟ ପ୍ରକୃତ ପ୍ରମାଣ ପତ୍ର ପାଇଁ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଯୋଗାଯୋଗ କରିବାରୁ ଏହା ଅନ୍ୟ ଏକ ନାମରେ ଥିଲା ବୋଲି ଜାଣିବାକୁ ପାଇଥିଲେ। ବାରମ୍ବାର ମାଗିବା ସତ୍ତ୍ୱେ ଅମିୟ ନେଇଥିବା ଟଙ୍କା ନ ଦେବାରୁ ୨୦୧୭ ଅଗଷ୍ଟ ୨୮ରେ ବିଜୟ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ପୋଲିସ (ନଂ-୩୭୨/୧୭)ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ଡାକ୍ତରଖାନାରେ ଉପକରଣ ପାଇଁ ଭିଏସ୍‌ଏସ୍ ନଗର ଉନ୍ନୟନ ପରିଷଦର ଦାବି

ଭୁବନେଶ୍ୱର, ୨୫।୬ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ ଓ ଜୋନାଲ ଡେପୁଟି କମିଶନର ପୁରନ୍ଦର ନନ୍ଦ ଶୁକ୍ରବାର ଭିଏସ୍‌ଏସ୍ ନଗର ଡାକ୍ତରଖାନା ପରିଦର୍ଶନ କରିଥିଲେ। ଏହି ସମୟରେ ଭିଏସ୍‌ଏସ୍ ନଗର ଉନ୍ନୟନ ପରିଷଦ କର୍ମକର୍ତ୍ତା ଅତିରିକ୍ତ କମିଶନରଙ୍କୁ ସାକ୍ଷାତ କରି ଡାକ୍ତରଖାନାର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଦୁଇବର୍ଷ ପୂର୍ବରୁ ଡାକ୍ତରଖାନା ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏଠାରେ ଆବଶ୍ୟକ ଉପକରଣ ନାହିଁ। ଏହା ସହିତ ଡାକ୍ତରଖାନା ଗୃହର ମରାମତି ଆବଶ୍ୟକ ବୋଲି ପରିଷଦ କର୍ମକର୍ତ୍ତା କହିଥିଲେ। ସେହିପରି ଗତ ୬ବର୍ଷ ପୂର୍ବରୁ ପୋଷ୍ଟାଲ କଲୋନୀ ପାଖରୁ ମଞ୍ଚେଶ୍ୱର ଶିଳ୍ପାଞ୍ଚଳକୁ ଏକ ରେଳ ଓଭରବ୍ରିଜ ହୋଇଥିଲେ ମଧ୍ୟ ଏଠାରେ ଆଜି ପର୍ଯ୍ୟନ୍ତ ଲାଇଟ୍ ନାହିଁ। ଡାକ୍ତରଖାନା ଓ ରେଳ ଓଭରବ୍ରିଜ ଉପରେ ଭିଏସ୍‌ଏସ୍ ନଗର ସହିତ ୫ ୱାର୍ଡର ବାସିନ୍ଦା ନିର୍ଭର କରୁଥିବାରୁ ଏଥିପ୍ରତି ଦୃଷ୍ଟି ଦେବାକୁ ପରିଷଦ ପକ୍ଷରୁ ନିବେଦନ କରାଯାଇଥିଲା। ଅତିରିକ୍ତ କମିଶନର ଏହା ଉପରେ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଥିଲେ। ସାକ୍ଷାତ ସମୟରେ ଉନ୍ନୟନ ପରିଷଦ ସାଧାରଣ ସମ୍ପାଦକ ଦଲୀପ ଦାଶଶର୍ମା, ଶୀତଳ ଚନ୍ଦ୍ର ମହାନ୍ତି ଓ ଚିନ୍ତାମଣି ବାରିକ, ଅଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟ ବିଭାଗକୁ କୋଭିଡ୍ ଟେଷ୍ଟିଂ ଟିକାକରଣ ଭ୍ୟାନ୍ ଦେଲା ଓଏସ୍‌ଏ-ଏଚ୍‌ଡବ୍ଲ୍ୟୁଜି

ଭୁବନେଶ୍ୱର,୨୫।୬ (ବ୍ୟୁରୋ)

ଦି ଓଡିଶା ସୋସାଇଟି ଅଫ୍ ଦି ଆମେରିକାନ୍‌ର ସ୍ୱାସ୍ଥ୍ୟ ଏବଂ ୱେଲ୍‌ନେସ୍ ଗ୍ରୁପ୍ (ଓଏସ୍‌ଏ-ଏଚ୍‌ଡବ୍ଲ୍ୟୁଜି) ପକ୍ଷରୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଏକ କୋଭିଡ୍ ଟେଷ୍ଟିଂ କମ୍ ଟିକାକରଣ ଭ୍ୟାନ ପ୍ରଦାନ କରାଯାଇଛି। ଅନୁଷ୍ଠାନର ଡା. ନିତିନ ଦୋସି ଏବଂ ତାଙ୍କ ସ୍ତ୍ରୀ ଡା. ଚାନ୍ଦିନୀ ଦୋସି ସେମାନଙ୍କ ମାତା ପିତାଙ୍କ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ଏହାକୁ ଦାନ କରିଛନ୍ତି। ଓଏସ୍‌ଏ-ଏଚ୍‌ଡବ୍ଲ୍ୟୁଜିର ରାଷ୍ଟ୍ରଦୂତ ଭାବେ ଅଭିନେତା ସବ୍ୟସାଚୀ ମିଶ୍ର ଏହାକୁ ଜନସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ରଙ୍କୁ ପ୍ରଦାନ କରିଥିଲେ। ଓଡ଼ିଶାରେ ଶିକ୍ଷା ତଥା ସ୍ୱାସ୍ଥ୍ୟସେବାଭିତ୍ତିକ ପ୍ରକଳ୍ପକୁ ସହାୟତା ତଥା ପ୍ରୋତ୍ସାହିତ କରିବା ଆମର ଲକ୍ଷ୍ୟ ବୋଲି ଡା. ନୀତିନ୍ କହିଛନ୍ତି। ମହାମାରୀକୁ ରୋକିବା ପାଇଁ ସର୍ବୋତ୍ତମ ଉପାୟ ହେଉଛି ମେଗା ଟିକାକରଣ ଡ୍ରାଇଭ୍। ଏହି ଭ୍ୟାନ୍ ସ୍ୱାସ୍ଥ୍ୟ ବିଭାଗକୁ ଦୁର୍ଗମ ଅଞ୍ଚଳରେ ପହଞ୍ଚାଇବାରେ ସାହାଯ୍ୟ କରିବ ବୋଲି ଡା. ମିଶ୍ର କହିଛନ୍ତି। ସେହିପରି ଉନ୍ନତ ସୁବିଧା ସହିତ ଭ୍ୟାନ୍ ସଜ୍ଜିତ ହୋଇଛି। ଏହା ମୋବାଇଲ୍ କୋଭିଡ୍ ଟେଷ୍ଟିଂ ସହ ଟିକାକରଣ ବୁଥ ଭାବରେ ମଧ୍ୟ ବ୍ୟବହୃତ ହୋଇ ପାରିବ ବୋଲି ସବ୍ୟସାଚୀ କହିଛନ୍ତି। କାର୍ଯ୍ୟକ୍ରମରେ ଡା. ସାଲିଲ ମହାନ୍ତି, ସୂର୍ଯ୍ୟ ନାରାୟଣ ଦାସ, ଅନୁଷ୍ଠାନର ଚେୟାରମ୍ୟାନ୍ ଡ. ଦେବାଶିଷ ରାୟ ପ୍ରମୁଖ ଉପସ୍ଥିତ ଥିଲେ।




ସ୍ୱାସ୍ଥ୍ୟବିଭାଗକୁ ଟେଷ୍ଟିଂ ଓ ଟିକାକରଣ ଭ୍ୟାନ୍ ପ୍ରଦାନ ଅବସରରେ ଉପସ୍ଥିତ ଅନୁଷ୍ଠାନ କର୍ମକର୍ତ୍ତା।

# ୧ ଯାଏ ବନ୍ଦ ହେଲା ୟୁନିଟ୍-୧ ହାଟ

ଭୁବନେଶ୍ୱର,୨୫।୬(ବ୍ୟୁରୋ)



କରୋନା କଟକଣା ଉଲ୍ଲଂଘନ ଅଭିଯୋଗରେ ଭୁବନେଶ୍ୱର ୟୁନିଟ୍-୧ ହାଟକୁ ଶୁକ୍ରବାରଠାରୁ ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ବନ୍ଦ କରାଯାଇଛି। ହାଟରେ ଥିବା ଉଭୟ ହୋଲ୍‌ସେଲ୍ ଓ ରିଟେଲ ବ୍ୟବସାୟୀଙ୍କ ଦୋକାନ ବନ୍ଦ ରହିବ ବୋଲି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ସାରା ରାଜ୍ୟରେ ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନ୍ ଜାରି ରହିଥିବାବେଳେ ସଂକ୍ରମଣ କମୁଥିବାରୁ ୧୭ ଜିଲାରେ କଟକଣାକୁ ସାମାନ୍ୟ କୋହଳ କରାଯାଇଛି। ଦିନ ୧୧ଟା ପରିବର୍ତ୍ତେ ଏବେ ଅପରାହ୍ନ ୧ଟା ପର୍ଯ୍ୟନ୍ତ ହାଟରେ କାରବାର ଚାଲୁଛି। ସହରର ଅନ୍ୟତମ ବଡ଼ ୟୁନିଟ୍-୧ ହାଟକୁ ଗ୍ରାହକଙ୍କ ଠାରୁ ଆରମ୍ଭ କରି ଖୁଚୁରା ବେପାରୀ ପର୍ଯ୍ୟନ୍ତ ସମସ୍ତେ କିଣାକିଣି କରିବାକୁ ଆସୁଥିବାରୁ ସାଧାରଣତଃ ଏଠାରେ ଅଧିକ ଗହଳି ରହିଥାଏ। ତେବେ ଶନିବାର ଓ ରବିବାର ସପ୍ତାହାନ୍ତ ଶଟ୍‌ଡାଉନ୍ ଥିବାରୁ ଶୁକ୍ରବାର ହାଟରେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ଲୋକମାନେ ସାମାଜିକ ଦୂରତାକୁ ମାନି ନ ଥିଲେ। କେତେଜଣ ମାସ୍କ ପିନ୍ଧି ନ ଥିବାବେଳେ ଆଉ କେତେଜଣଙ୍କ ମୁହଁରେ ଠିକ୍ ଭାବେ ରହି ନ ଥିଲା। ପ୍ରବଳ ଗହଳିରୁ ସଂକ୍ରମଣ ବ୍ୟାପିବା ଆଶଙ୍କା ଥିବାରୁ ହାଟକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

## ଆଦର୍ଶ କଏଦୀ କାରାଗାର ଉଦ୍‌ଘାଟିତ

ଖୁଣ୍ଟୁଣୀ, ୨୫।୬ (ଡି.ଏନ.ଏ.)

କଟକ ଜିଲା ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାଧାରମଣପୁରଠାରେ ଅତ୍ୟାଧୁନିକ ଆଦର୍ଶ କଏଦୀ କାରାଗାର ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ କହିଥିଲେ, ଏହି ଜେଲ ହେବା ଦ୍ୱାରା ଅନ୍ୟ ସର୍କଲ ଜେଲ୍‌ର ଚାପ କମିବ। ଜେଲ ବିଭାଗ ଡିଜି ସନ୍ତୋଷ କୁମାର ଉପାଧ୍ୟାୟ କହିଲେ, ଏହି ଜେଲରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିବା ଅପରାଧୀମାନେ ରହିବେ। ଏହି କାର୍ଯ୍ୟକ୍ରମରେ ଜେଲ ଅଧକ୍ଷ ସୌଭାଗ୍ୟ ରଞ୍ଜନ ବଳଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିବାବେଳେ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଭର୍ଚୁଆଲରେ ଯୋଗଦେଇଥିଲେ।

# ଦୁର୍ନୀତି ରୋକିବାକୁ ଅଧିକାରୀଙ୍କ ଦକ୍ଷତା ବୃଦ୍ଧି କରାଯିବ

ଭିଜିଲାନ୍ସ ନିର୍ଦ୍ଦେଶକଭାବେ ୧୯୯୪ ବ୍ୟାଚ୍‌ର ଆଇପିଏସ୍ ଅଫିସର ଯଶୱନ୍ତ ଜେଠୱା ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ ପୋଲିସ ବିଭାଗର ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥାଇ ସୁଚାରୁରୂପେ ଦାୟିତ୍ୱ ସମ୍ପାଦନ କରିଛନ୍ତି। ତେବେ ଭିଜିଲାନ୍ସ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଧରିତ୍ରୀ ସହ ସ୍ୱତନ୍ତ୍ର ଆଳାପ।



**ପୂର୍ବରୁ କ୍ରାଇମବ୍ରାଞ୍ଚ ଓ ଆଇନଶୃଙ୍ଖଳା ଏଡିଜି ଭାବେ କାର୍ଯ୍ୟ କରିଛନ୍ତି । ଏବେ ନୂତନଭାବେ ଭିଜିଲାନ୍ସ ବିଭାଗର ଦାୟିତ୍ୱ ମିଳିଛି । କ'ଣ ଲକ୍ଷ୍ୟ ରହିଛି ?**

●ପୂର୍ବତନ ଭିଜିଲାନ୍ସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଦୁର୍ନୀତି ନିବାରଣ କ୍ଷେତ୍ରରେ ଯେଉଁ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି, ସେହି ଧାରାକୁ ଆଗକୁ ବଢାଇ ନିଆଯିବ। ଦେବାଶିଷବାବୁଙ୍କ ଅଧୁରା ସ୍ୱପ୍ନକୁ ସାକାର କରାଯିବ। ରାଜ୍ୟରେ ଭିଜିଲାନ୍ସ ବିଭାଗ ଉପରେ ଲୋକଙ୍କର ଭରସା ରହିଛି। ଦୁର୍ନୀତିଖୋର ଅଧିକାରୀଙ୍କୁ ସାବାଡ କରାଯିବ। ସେ ନେଇ ବିଭାଗୀୟ ସମସ୍ତ ଅଧିକାରୀଙ୍କୁ ନେଇ ଟିମ୍ ୱାର୍କ ମାଧ୍ୟମରେ ଦାୟିତ୍ୱ ଦିଆଯିବ।

**ଦିନକୁ ଦିନ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଦୁର୍ନୀତି ବଢ଼ିଚାଲିଛି । ଏଭଳି ପରିସ୍ଥିତିରେ ଆପଣଙ୍କ କାର୍ଯ୍ୟଶୈଳୀ କିପରି ରହିବ ?**

●କାରିଗରି କୌଶଳ ଓ ଫରେନସିକ ବିଜ୍ଞାନ ମାଧ୍ୟମରେ ଦୁର୍ନୀତିକୁ ରୋକିବା, ଅନୁସନ୍ଧାନ ଓ ଚାର୍ଜଶିଟ୍ ଦାଖଲ କାର୍ଯ୍ୟକୁ ମଜଭୁତ କରାଯିବ। ସେଥିପାଇଁ ବିଭାଗୀୟ ଅଧିକାରୀଙ୍କ ଦକ୍ଷତା ବୃଦ୍ଧି କରାଯିବ। ସେହିପରି ତଦନ୍ତକୁ ସୁଦୃଢ଼ କରିବା ପାଇଁ ଡିଏନ୍‌ଏ ଟେଷ୍ଟ, ଫିଙ୍ଗର ପ୍ରିଣ୍ଟ, ଭଏସ୍ ଆନାଲିସିସ୍ ଓ ଆଧୁନିକ କାରିଗରି କୌଶଳ ଉପରେ ଗୁରୁତ୍ୱ ଦିଆଯିବ।

**ବିଭାଗରେ ବହୁପଦବୀ ଖାଲିପଡିଥିବାରୁ କାର୍ଯ୍ୟ ଆଗେଇ ପାରୁନାହିଁ। ସେହିପରି ବହୁ ଅଭିଯୋଗ ଓ ମାମଲା ପଡି ରହିଛି। ଏନେଇ ଆପଣଙ୍କ ମତ ?**

●ଖାଲି ପଦବୀ ପୂରଣ ପାଇଁ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ। ନିର୍ଦ୍ଦେଶାଳୟରେ ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଯିବ। ସେହିପରି ମାମଲାଗୁଡ଼ିକର ମଧ୍ୟ ତଦନ୍ତ ଆଗେଇବ। ଏବେ ସମସ୍ତ କାର୍ଯ୍ୟ କୋଭିଡ୍ କଟକଣା ମଧ୍ୟରେ କରାଯିବ।

**ସାକ୍ଷାତକାର : ସୁଶାନ୍ତ କୁମାର ସାହୁ**

# ସ୍ତ୍ରୀ ଗଳାକାଟି ହତ୍ୟା

### ସ୍ୱାମୀ ଗିରଫ

ଜଟଣୀ,୨୫।୬(ଡି.ଏନ୍.ଏ.)



ଜଟଣୀ ଥାନା ଅଧୀନ ପାଇକରାପୁର ଅଞ୍ଚଳରେ ଶୁକ୍ରବାର ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ସ୍ତ୍ରୀର ଗଳା କାଟି ହତ୍ୟା କରିଛି ସ୍ୱାମୀ। ମୃତା ହେଲେ ପାଇକରାପୁର ଅଞ୍ଚଳରେ ରହୁଥିବା ସୁକାନ୍ତ ମଲ୍ଲିକଙ୍କ ସ୍ତ୍ରୀ ପୂଜା ମଲ୍ଲିକ। ଜଟଣୀ ଥାନା ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତାଙ୍କ ବାପା ଅନ୍ତର୍ଯାମୀ ପ୍ରଧାନଙ୍କ ଅଭିଯୋଗକ୍ରମେ ପୋଲିସ ଦଫା ୩୦୨ରେ ହତ୍ୟା ମାମଲା (ନଂ.୩୦୩/୨୧)ରୁଜୁ କରିଛି। ଅନ୍ୟପଟେ ହତ୍ୟାକାଣ୍ଡ ଘଟାଇ ସୁକାନ୍ତ ଥାନାରେ ଆତ୍ମସମର୍ପଣ କରିବା ପରେ ପୋଲିସ ତାଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଭୁବନେଶ୍ୱର ବମିଖାଲ ଅଞ୍ଚଳର ପୂଜା ୧୩ବର୍ଷ ପୂର୍ବେ ପୁରୀ ଜିଲା ପିପିଲି ଥାନା ଅଧୀନ ମଠସାହିର ସୁକାନ୍ତଙ୍କୁ ପ୍ରେମବିବାହ କରିଥିଲେ। ସୁକାନ୍ତ ଜଟଣୀ ରେଳ ଷ୍ଟେଶନରେ ଅଟୋ ଲଗାଇ ରୋଜଗାର କରି ପାଇକରାପୁରରେ ଦୁଇ ଝିଅ ଓ ସ୍ତ୍ରୀଙ୍କ ସହ ରହୁଥିଲେ। ତେବେ କୌଣସି କାରଣକୁ ନେଇ ଅନେକ ସମୟରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥାଏ। ୩ମାସ ପୂର୍ବେ ଦୁଇ ଝିଅଙ୍କୁ ସାଥିରେ ନେଇ ପୂଜା କେଉଁଆଡେ ପଳାଇଥିଲେ। ଏନେଇ ସୁକାନ୍ତ ଜଟଣୀ ଥାନାରେ ଅଭିଯୋଗ କରିଥିଲେ। କିଛିଦିନ ପରେ ପୂଜା ଦୁଇଝିଅଙ୍କ ସହ ପୁଣି ସ୍ୱାମୀଙ୍କ ନିକଟକୁ ଫେରିଆସିଥିଲେ। ଗୁରୁବାର ରାତିରେ ଉଭୟଙ୍କ ମଧ୍ୟରେ ପୁଣି କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। ଶୁକ୍ରବାର ସକାଳେ ସୁକାନ୍ତ ଦୁଇ ଝିଅଙ୍କୁ ଧୂପକାଠି ଆଣିବା ପାଇଁ ଦୋକାନକୁ ପଠାଇଥିଲେ। ଏହା ପରେ ପୂଜାଙ୍କ ଗଳାକୁ ଏକ ଛୁରିରେ କାଟି ହତ୍ୟା କରିଥିଲେ। ଦୁଇ ଝିଅ ଘରେ ପହଞ୍ଚିବା ପରେ ସୁକାନ୍ତ ଦୌଡି ପଳାଇଥିଲେ। ଝିଅଙ୍କ କାନ୍ଦ ଶୁଣି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଜଟଣୀ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଧାର କରଜକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ଅନୁମାନ କରୁଛି। ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ପୋଲିସ କହିଛି।

## ସଂକ୍ଷେପରେ

### ହାଇକୋର୍ଟଙ୍କ ରାୟ୍ ବିରୋଧରେ ସରକାରଙ୍କ ଅପିଲ୍‌କୁ ନିନ୍ଦା

କଟକ ଅଫିସ, ୨୫।୬: ସ୍କୁଲ ବନ୍ଦ ପ୍ରସଙ୍ଗରେ ହାଇକୋର୍ଟଙ୍କ ରାୟ୍‌କୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ଏହି ରାୟ୍ ବିରୋଧରେ ସରକାରଙ୍କ ଅପିଲ୍‌କୁ ବିଦ୍ୟାଳୟ ସୁରକ୍ଷା କମିଟି କଟକ ପକ୍ଷରୁ ନିନ୍ଦା କରାଯାଇଛି। ଏନେଇ ବିଦ୍ୟାଳୟ ସୁରକ୍ଷା କମିଟି ପକ୍ଷରୁ ଶୁକ୍ରବାର ଅନ୍‌ଲାଇନରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଯଦି ସରକାର ଏହି ସ୍କୁଲ ବନ୍ଦ ନିଷ୍ପତ୍ତିରୁ କ୍ଷାନ୍ତ ନ ହୁଅନ୍ତି ତେବେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଥାଉ କି, ରାଜ୍ୟ ସରକାର ୨୦୧୮ରେ କଟକ ସହରର ପ୍ରାୟ ୨୫ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଜିଲାର ୪୮ଟି ସ୍କୁଲ ସମେତ ରାଜ୍ୟର ୧୪,୩୭୯ ବିଦ୍ୟାଳୟ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହାକୁ ୨୦୨୦-୨୦୨୧ ଶିକ୍ଷାବର୍ଷରେ କାର୍ଯ୍ୟକାରୀ କରିବା ଆରମ୍ଭ କରିଥିଲେ। ଉପସ୍ଥାନ କମିବା କାରଣ ଦର୍ଶାଇ ସରକାର କମ୍ ସଂଖ୍ୟକ ଛାତ୍ରୀଛାତ୍ର ଥିବା ସ୍କୁଲକୁ ନିକଟସ୍ଥ ସ୍କୁଲରେ ମିଶ୍ରଣ କରି ଉକ୍ତ ସ୍କୁଲକୁ ବନ୍ଦ କରୁଥିଲେ । ୨୦୨୦ ମାର୍ଚ୍ଚ ୧୧ତାରିଖରେ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ସ୍କୁଲ ବନ୍ଦ ବିଜ୍ଞପ୍ତିକୁ ହାଇକୋର୍ଟ ରଦ୍ଦ କରିଥିଲେ । ୨୦ରୁ କମ୍ ଛାତ୍ରୀଛାତ୍ର ଥିବା ସ୍କୁଲକୁ ବନ୍ଦ କରିବା ବିଜ୍ଞପ୍ତି ରଦ୍ଦ କରିବା ସହିତ ଛୋଟ ପିଲାମାନଙ୍କୁ ଦୂର ସ୍କୁଲକୁ ପଠାଇବା ବେଆଇନ୍ ବୋଲି କହିଥିଲେ । ଏହି ଆଲୋଚନାଚକ୍ରରେ ବୁଦ୍ଧିଜୀବୀ, ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ ସୁରକ୍ଷା କମିଟି କଟକର ଆବାହକ ପ୍ରଶାନ୍ତ ଦାସ, ସଂଯୋଜକ ତରୁଣସେନ ନାୟକ, ସୋନାଲୀ ଚକ୍ରବର୍ତ୍ତୀ, ତନ୍ଦ୍ରା ଦାସ, ସେଖ୍ ଇସ୍ମାଇଲ ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

### ୮୨ ୟୁନିଟ୍ ରକ୍ତ ସଂଗ୍ରହ

ବାଙ୍କୀ,୨୫।୬(ସ୍ୱ.ପ୍ର.): ବାଙ୍କୀ ଏନ୍‌ଏସିସ୍ଥିତ ବିଜେଡି କାର୍ଯ୍ୟାଳୟ ପ୍ରାଙ୍ଗଣରେ ଓଡ଼ିଶା ମୋ ପରିବାର ଓ ଜୀବନ ବିନ୍ଦୁ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥିଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇଥିଲେ।

### ଜିଲା ଅବୈତନିକ ବନ ସଂରକ୍ଷକ ହେଲେ ସୁରେଶ ଚନ୍ଦ୍ର ତ୍ରିପାଠୀ

ବାଙ୍କୀ,୨୫।୬(ସ୍ୱ.ପ୍ର.): କଟକ ଜିଲା ଅବୈତନିକ ବନ ସଂରକ୍ଷକଭାବେ ଡମପଡ଼ା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ କୁସୁନ୍ଦ ଗ୍ରାମର ସୁରେଶ ଚନ୍ଦ୍ର ତ୍ରିପାଠୀଙ୍କୁ ମନୋନୀତ କରାଯାଇଛି। ରାଜ୍ୟ ବନ୍ୟ, ପରିବେଶ ଓ ଜଳବାୟୁ ବିଭାଗର ସ୍ୱତନ୍ତ୍ର ସଚିବ ଏହି ନିଯୁକ୍ତି ଦେଇଛନ୍ତି। ସେ ନୂତନ ଜଙ୍ଗଲ ସୃଷ୍ଟି କରିବା ସହ ଡମପଡା ଅଭୟାରଣ୍ୟରେ ବସବାସ କରୁଥିବା କେତେଜଣ ଅଧିବାସୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବାରେ ତ୍ରିପାଠୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଜଙ୍ଗଲ, ବନ୍ୟଜନ୍ତୁ ଓ ପକ୍ଷୀ କିପରି ସୁରକ୍ଷିତ ରହିବେ ସେନେଇ ତ୍ରିପାଠୀ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ କରିଥିଲେ। ପ୍ରତ୍ୟେକ ବର୍ଷ ପକ୍ଷୀ ଗଣନା ଓ ବନ୍ୟଜନ୍ତୁ ଗଣନାରେ ସେ ପ୍ରମୁଖ ଭୂମିକା ନେବା ସହ ଖୋର୍ଦ୍ଧା, କଟକ, ଡମପଡା ଓ ଚନ୍ଦକା ବନଖଣ୍ଡ ଅଞ୍ଚଳରେ ବିନା ବେତନରେ କାର୍ଯ୍ୟ କରି ରାଜ୍ୟ ବନ ବିଭାଗକୁ ସାହାଯ୍ୟ କରି ଆସୁଛନ୍ତି। ତାଙ୍କୁ ନୂତନ ଦାୟିତ୍ୱ ମିଳିବା ପରେ ବାଙ୍କୀରେ ଖୁସିର ଲହରୀ ଖେଳିଯାଇଛି।

# ଦୁର୍ଦ୍ଦିନରେ ବସ୍ ମାଲିକ, କର୍ମଚାରୀ

**■ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଲାଣି ଟାୟାର, ବ୍ୟାଟେରି**

**■ସରକାରଙ୍କ ପକ୍ଷରୁ ମିଳୁନି ସହାୟତା**



କଟକ ଅଫିସ, ୨୫।୬

କରୋନା ମହାମାରୀ ସମାଜର ପ୍ରତ୍ୟେକ ବର୍ଗକୁ ପ୍ରଭାବିତ କରିଛି। ଏଥିରୁ ବସ୍‌ମାଲିକ ଓ କର୍ମଚାରୀମାନେ ମଧ୍ୟ ବାଦ୍ ପଡ଼ିନାହାନ୍ତି। କରୋନା ନିୟନ୍ତ୍ରଣ କରିବା ପାଇଁ ସରକାର ବସ୍ ଚଳାଚଳ ବନ୍ଦ ରଖିଛନ୍ତି। ପ୍ରାୟ ଦୁଇମାସ ଧରି ବସ୍ ଚଳାଚଳ ବନ୍ଦ ଯୋଗୁ ମାଲିକ ଓ କର୍ମଚାରୀମାନେ ଆର୍ଥିକ ସମସ୍ୟା ଦେଇ ଗତି କରୁଛନ୍ତି। ସେହିପରି ବସ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ଅଭାବରୁ ଟାୟାର, ବ୍ୟାଟେରି ସମେତ ବିଭିନ୍ନ ଯନ୍ତ୍ରାଂଶ ନଷ୍ଟ ହେବାକୁ ବସିଲାଣି। ରାଜ୍ୟରେ ଚଳାଚଳ କରୁଥିବା ୧୪ଶହ ବସ୍ ଏବେ ପଡ଼ିରହିଛି। ଏଥିମଧ୍ୟରେ ରହିଛି କଟକ ଘରୋଇ ବସ ମାଲିକ ସଂଘର ୮୦୦ ବସ୍। ଏହି ବସ୍‌ଗୁଡ଼ିକର ଡ୍ରାଇଭର, ହେଲ୍‌ପର, କଣ୍ଡକ୍ଟରଙ୍କୁ ମିଶାଇ କର୍ମଚାରୀଙ୍କ ସଂଖ୍ୟା ପ୍ରାୟ ୨୪ ଶହ। ଏହି କର୍ମଚାରୀମାନେ ଦରମା ନ ପାଇ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି। ରୋଜଗାର ନ ଥିବା ଦର୍ଶାଇ ମାଲିକମାନେ କର୍ମଚାରୀଙ୍କୁ ଦରମା ଦେଉନାହାନ୍ତି। ସରକାରଙ୍କ ପକ୍ଷରୁ ମଧ୍ୟ କୌଣସି ସହାୟତା ମିଳୁନାହିଁ। ଫଳରେ ପରିସ୍ଥିତି ସଙ୍ଗିନ ହୋଇପଡ଼ିଛି। ମୋଟର କର୍ମଚାରୀ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ଗତବର୍ଷ ଓ ଚଳିତବର୍ଷ ସହାୟତା ପାଇଁ ଦାବି ଜଣାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ବସ ଡ୍ରାଇଭର ସୁରେଶ ଚନ୍ଦ୍ର ଦାସ କହିଛନ୍ତି, ଆମ ଦୁଃଖ କେନ୍ଦ୍ର କି ରାଜ୍ୟ ସରକାର ବୁଝୁନାହାନ୍ତି। ଗତବର୍ଷ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ପ୍ରବାସୀଙ୍କୁ ନେବା ଆଣିବା କରିଥିଲୁ। ସେତେବେଳେ ସରକାର ଆମର ଦାବି ମାନିବାକୁ ପ୍ରତିଶ୍ରୁତି ଦେଇଥିଲେ, ମାତ୍ର ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ସେହିପରି ବସ୍ କଣ୍ଡକ୍ଟର ଗଣେଶ ପଣ୍ଡା କହିଛନ୍ତି, ଗତ ଲକ୍‌ଡାଉନରେ ଆମେ ଗଚ୍ଛିତ ଅର୍ଥରାଶିରୁ କିଛି ଅର୍ଥ ଆଣି ଚଳିଥିଲୁ। ଏବର୍ଷ କିନ୍ତୁ ଆଉ କିଛି ସମ୍ବଳ ନାହିଁ। ଆମେମାନେ ବହୁ ଅସୁବିଧାରେ ଚଳୁଛୁ। ସରକାର ଆମ ଦୁଃଖ ବୁଝିବେ ବୋଲି ଆଶା ବାନ୍ଧିଛୁ। ଅପରପକ୍ଷେ ସେପ୍ଟେମ୍ବର ପର୍ଯ୍ୟନ୍ତ ରୋଡ ଟ୍ୟାକ୍ସ ଛାଡ଼ ଏବଂ ଗାଡ଼ି ମରାମତି ପାଇଁ ଏକ ଲକ୍ଷ ଟଙ୍କା ବିନା ସୁଧରେ ଏକ ବର୍ଷ ପାଇଁ ଦେବାକୁ ଓଡ଼ିଶା ବସ୍ ମାଲିକ ସଂଘ ପକ୍ଷରୁ ସରକାରଙ୍କୁ ଅନୁରୋଧ କରାଯାଇଛି।

## ଫଟୋ ରାଜନୀତିକୁ କଂଗ୍ରେସର ବିରୋଧ




ଖାନନଗର ଶ୍ମଶାନ ସମ୍ମୁଖରେ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ।

କଟକ ଅଫିସ, ୨୫।୬

ସାରାଦେଶରେ ଏବଂ ରାଜ୍ୟରେ ଟିକା ପ୍ରମାଣପତ୍ର ଓ ଟିକା କେନ୍ଦ୍ରରେ ଚାଲିଥିବା ଫଟୋ ରାଜନୀତିକୁ କଂଗ୍ରେସ ବିରୋଧ କରିଛି। ଏହି ପରିପ୍ରେକ୍ଷୀରେ କଟକ ଜିଲା ଛାତ୍ର କଂଗ୍ରେସ ତରଫରୁ ଶୁକ୍ରବାର ଖାନ୍‌ନଗର ଶ୍ମଶାନ ସମ୍ମୁଖରେ ଧାରଣା ଓ ପ୍ରତିବାଦ କରାଯିବା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପ୍ରେମ ,ପ୍ରତାରଣା, ଧୋକା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ଲଗାଯାଇଥିଲା। କଟକ ଜିଲା ଛାତ୍ର କଂଗ୍ରେସ ସଭାପତି ଦୀପକ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜିଲା କଂଗ୍ରେସ କମିଟି ସଭାପତି ମାନସ ଚୌଧୁରୀଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ଅଖିଳ ଭାରତୀୟ ପୂର୍ବତନ ଛାତ୍ର କଂଗ୍ରେସ ସମ୍ପାଦକ ବିପ୍ଳବ ଶିଳାଦିତ୍ୟ, ସଦାଶିବ ବାରିକ, କାର୍ତ୍ତିକ ସେନାପତି, ପ୍ରବୀଣ ସାହୁ, ସତ୍ୟବ୍ରତ ସାହୁ, ସୁସ୍ମିତା ଜେନା, ସରୋଜ ଦାସ, ରୀତିକା ଜେନା, ଅଞ୍ଜୁ ଦାସ, ସନ୍ଧ୍ୟା ଦାସ, ଦିପାଲି ଦାସଙ୍କ ସମେତ ବହୁ ଛାତ୍ରନେତା ଓ କର୍ମୀ ଉପସ୍ଥିତ ଥିଲେ ।

# ପରିବାର ଲୋକଙ୍କ ସମୂହ ଆତ୍ମାହୁତି ଉଦ୍ୟମ

ନିଶ୍ଚିନ୍ତକୋଇଲି,୨୫।୬(ସ୍ୱ.ପ୍ର.)



ଦିଲୀପ ମଲ୍ଲିକ ପରିବାର ସହ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୂତି ଉଦ୍ୟମ ପାଇଁ ବସିଛନ୍ତି।

ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଏକ ଦଳିତ ପରିବାରର ସଦସ୍ୟ ସମୂହ ଆତ୍ମାହୁତି ଦେବାକୁ ଉଦ୍ୟମ କରିଛନ୍ତି। ପ୍ରଶାସନ ସେମାନଙ୍କ ଦୁଃଖ ଶୁଣୁ ନ ଥିବା ଅଭିଯୋଗ କରି ବନ୍ଧକାଟିଆ ପଞ୍ଚାୟତ କେଶୁଲୋ ଗ୍ରାମର ଦିଲୀପ ମଲ୍ଲିକଙ୍କ ପରିବାର ସଦସ୍ୟ ଏଭଳି ଉଦ୍ୟମ କରିଛନ୍ତି। ଘର ସମ୍ମୁଖରେ ନିର୍ମାଣ ହୋଇଥିବା ପିଣ୍ଡି ହଟାଇବାକୁ ସେମାନେ ଦାବି କରିଛନ୍ତି। ପ୍ରଶାସନ ହସ୍ତକ୍ଷେପ କରିବା ପରେ ସେମାନେ ଆତ୍ମାହୁତିରୁ ବିରତ ହୋଇଛନ୍ତି। ଦିଲୀପଙ୍କ ଅଭିଯୋଗ ଅନୁଯାୟୀ, ସେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗ୍ରାମରେ ଘର କରିଛନ୍ତି। ଘର ଆଗରେ ଥିବା ଗୋଚର ଜମିଦେଇ ସେମାନେ ଯାତାୟାତ କରୁଥିଲେ। ତେବେ ଗ୍ରାମର କେତେଜଣ ଖଳପ୍ରକୃତିର ବ୍ୟକ୍ତି ଉଦ୍ଦେଶ୍ୟମୂଳକଭାବେ ଜୋରଜବରଦସ୍ତ ଘର ସମ୍ମୁଖରେ ସିମେଣ୍ଟ ପିଣ୍ଡି ନିର୍ମାଣ କରିଛନ୍ତି। ଫଳରେ ଏହି ଦଳିତ ପରିବାର ଘରୁ ବାହାରି ପାରୁନାହାନ୍ତି। ସେମାନେ ଏକପ୍ରକାର ଗୃହବନ୍ଦୀ ହୋଇଯାଇଛନ୍ତି। ଏ ସମ୍ପର୍କରେ ଦିଲୀପ ମାସେ ପୂର୍ବେ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ପିଣ୍ଡି ଭାଙ୍ଗିବାକୁ ନିଶ୍ଚିନ୍ତକୋଇଲି ତହସିଲଦାର ପତ୍ର ନଂ.୯୧୭ରେ ନେମାଳ ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ପୋଲିସର ସହଯୋଗରେ ତହସିଲ କର୍ମଚାରୀମାନେ ପିଣ୍ଡି ଭାଙ୍ଗିବାକୁ ଯାଇଥିଲେ ମଧ୍ୟ ଗ୍ରାମବାସୀଙ୍କ ବିରୋଧ ଯୋଗୁ ଫେରି ଆସିଥିଲେ। ଏହାପରେ ଦିଲୀପ ବାରମ୍ବାର ତହସିଲଦାରଙ୍କୁ ଭେଟି ଅଭିଯୋଗ କରିଥିଲେ। ମାତ୍ର କୌଣସି ସୁଫଳ ମିଳି ନ ଥିଲା ବୋଲି କହିଛନ୍ତି। ଏହାର ପ୍ରତିବାଦରେ ତହସିଲ କାର୍ଯ୍ୟାଳୟରେ ଆତ୍ମାହୁତି ନିମନ୍ତେ ଦିଲୀପ, ତାଙ୍କ ସ୍ତ୍ରୀ ଓ ସନ୍ତାନ କିରୋସିନ ଓ ଦିଆସିଲ ନେଇ ଆସିଥିଲେ। ଖବରପାଇ ଅତିରିକ୍ତ ତହସିଲଦାର ଉମାକାନ୍ତ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସମ୍ପୃକ୍ତ ପରିବାର ଫେରିଯାଇଥିଲେ।

## ୩ କେନ୍ଦ୍ରରେ ୧୦୧୫ ଜଣଙ୍କୁ ଟିକାକରଣ

ଖୁଣ୍ଟୁଣୀ,୨୫।୬(ଡି.ଏନ.ଏ.)

କରୋନା ମହାମାରୀରୁ ରକ୍ଷା ପାଇବା ପାଇଁ ଆଠଗଡ଼ ବ୍ଲକର ତିନୋଟି ଟିକାକରଣ କେନ୍ଦ୍ରରେ ଶୁକ୍ରବାର ଲୋକଙ୍କ ଗହଳି ଲାଗିଥିଲା। ଖୁଣ୍ଟୁଣୀ, ଜୋରନ୍ଦା ଓ ବ୍ରହ୍ମପୁର ଟିକାକରଣ କେନ୍ଦ୍ରରେ ମୋଟ୍ ୧୦୧୫ ଜଣଙ୍କୁ ଟିକା ପ୍ରଦାନ କରାଯାଇଥିବା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଦିଲ୍ଲୀପ ଦାସ କହିଛନ୍ତି। ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରିଣୀ ପୁଷ୍ପମିତ୍ର ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଟିକାକରଣ କାର୍ଯ୍ୟକ୍ରମକୁ ସସ୍ମିତା ବାରିକ, ବିଷ୍ଣୁପ୍ରିୟା ବେଉରା, ପ୍ରତିଭା ବେହେରା, ରିତାଞ୍ଜଳୀ ସ୍ୱାଇଁ, ଦିନେଶ ନାୟକ ଓ ସୁଧାଂଶୁ ଭୂୟାଁ ପରିଚାଳନା କରିଥିଲେ।

## ଡ୍ରିମ୍‌ସ ପଲିଟେକ୍‌ନିକ୍‌ରେ ସାଂସ୍କୃତିକ ଉତ୍ସବ

କଟକ ଅଫିସ, ୨୫।୬

ଡ୍ରିମ୍‌ସ ପଲିଟେକ୍‌ନିକ୍‌ର ବାର୍ଷିକ ସାଂସ୍କୃତିକ ଉତ୍ସବ ଚଳନ୍ତିକା-୨୦୨୧ ଶୁକ୍ରବାର ଭର୍ଚୁଆଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱରସ୍ଥିତ ନାଇଜର୍‌ର ରେଜିଷ୍ଟ୍ରାର ଡ. ଅଭୟ କୁମାର ନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବରେ ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟର ପୂର୍ବତନ ଉପନିର୍ଦ୍ଦେଶକ ପ୍ରଦୀପ୍ତ ରଞ୍ଜନ ମହାନ୍ତି, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଏକାଡେମିକ ନିର୍ଦ୍ଦେଶକ ଲୋକନାଥ ବେହେରା ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ, ଗୀତ ଓ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିବାବେଳେ ଇଂ. ତପସ୍ୱିନୀ ସାହୁ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର ଡିନ୍ (ଛାତ୍ର କଲ୍ୟାଣ) ଅଧ୍ୟାପକ ଶିବ ଚରଣ ବାରିକ ଓ ଅଧ୍ୟାପିକା ମୀନାକ୍ଷୀ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅଧ୍ୟାପିକା ମୀନାରାଣୀ ସିଂହ ଧନ୍ୟବାଦ ଦେଇଥିଲେ।

## ଯୁବତୀଙ୍କ ଗର୍ଭ ନଷ୍ଟ କଲେ ପ୍ରେମିକ

**ପ୍ରେମ-ପ୍ରତାରଣା, ଧୋକା**

ନିଶ୍ଚିନ୍ତକୋଇଲି,୨୫।୬(ସ୍ୱ.ପ୍ର.)

ପ୍ରେମ ପରେ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଜଣକ ଅନ୍ତଃସତ୍ତ୍ୱା ହେବା ପରେ ସମ୍ପୃକ୍ତ ପ୍ରେମିକ ଜବରଦସ୍ତି ଔଷଧ ଖୁଆଇ ଗର୍ଭପାତ କରାଇଦେଇଥିଲେ। ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ଏହି ଘଟଣା ଘଟିଛି। ଏନେଇ ସମ୍ପୃକ୍ତ ଯୁବତୀ ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ.୬୮/୨୧) ରୁଜୁ ହୋଇଛି। ଅଭିଯୁକ୍ତ ପ୍ରେମିକ ହେଲେ ଉକ୍ତ ଅଞ୍ଚଳର ଆଶିଷ ମହାନ୍ତି (୩୮)। ଅଭିଯୋଗ ଅନୁଯାୟୀ, ଆଶିଷ ସମ୍ପୃକ୍ତ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଗର୍ଭବତୀ ହେବାରୁ ବିବାହ କରିବାକୁ ଜୋର ଧରିଥିଲେ। ମାତ୍ର ଆଶିଷ ବିବାହ କରିବାକୁ ମନା କରିଦେଇଥିଲେ। ଯୁବତୀ ଜଣକ ୬ ମାସର ଗର୍ଭବତୀ ହୋଇଥିବା ଜାଣିବା ପରେ ଶୁକ୍ରବାର ଆଶିଷ ତାଙ୍କୁ ଡାକି ଜବରଦସ୍ତି ଗର୍ଭପାତ ଔଷଧ ଖୁଆଇଦେଇଥିଲେ। ଫଳରେ ଗର୍ଭଜନିତ ଯନ୍ତ୍ରଣା ହେବାରୁ ସମ୍ପୃକ୍ତ ଯୁବତୀ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅମିତ ଜେନା ଥାନାରେ ଖବର ଦେଇଥିଲେ। ଥାନା ଅଧିକାରିଣୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ଯୁବତୀଙ୍କ ଚିକିତ୍ସା କରାଯାଇଥିଲା। ଏହି ସମୟରେ ତାଙ୍କ ଗର୍ଭ ନଷ୍ଟ ହୋଇଯାଇଥିବା ଜଣାପଡିଥିଲା। ଏହାପରେ ଯୁବତୀ ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଥାନା ଅଧିକାରିଣୀ ଚିନ୍ମୟୀ ସାହୁ କହିଛନ୍ତି, ଅଭିଯୋଗ ମିଳିଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ମହିଳା ଡାକ୍ତରଙ୍କୁ ଦୁର୍ବ୍ୟବହାର ଅଭିଯୋଗ:ଜଣେ ଗିରଫ

ଟିଗିରିଆ,୨୫।୬( ଡି. ଏନ୍. ଏ. )

ଟିଗିରିଆ ଥାନା ନିଜିଗଡ଼ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ମହିଳା ଡାକ୍ତରଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ଶୁକ୍ରବାର ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ କାଳିଆ ରଣା । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ବିଶ୍ୱ ବିକାଶ ରାଉତରାୟଙ୍କ ଅଭିଯୋଗ ଅନୁଯାୟୀ, ବୁଧବାର କାଳିଆଙ୍କ ସମେତ ୮ରୁ ୧୦ ଜଣ ବ୍ୟକ୍ତି ନିଶାଶକ୍ତ ଅବସ୍ଥାରେ ଡାକ୍ତର ଆକାଂକ୍ଷିତା ବେହେରାଙ୍କ ସରକାରୀ ବାସଭବନରେ ପହଞ୍ଚି ଦୁର୍ବ୍ବ୍ୟବହାର କରିବା ସହ ଝରକା ଓ କବାଟ ଭଙ୍ଗାରୁଜା କରିଥିଲେ। ଗୁରୁବାର ପୁନର୍ବାର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଡା. ବେହେରା ଓ ଆଶାକର୍ମୀଙ୍କୁ ଗାଳିଗୁଲଜ କରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ମାମଲା (ନଂ. ୮୦/୨୧) ରୁଜୁ ହୋଇଛି।

# ଆଦର୍ଶ କଏଦୀ କାରାଗାର ଉଦ୍‌ଘାଟିତ




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ, ଏମ୍‌ପିଙ୍କ ସହ ଅନ୍ୟମାନେ।

ଖୁଣ୍ଟୁଣୀ, ୨୫।୬ (ଡି.ଏନ.ଏ.)

**■ଏକକାଳୀନ ୫୦୦ ଦୁର୍ଦ୍ଧାନ୍ତ ଅପରାଧୀ ରହିପାରିବେ**

**■୪୦ ବେଡ୍ ବିଶିଷ୍ଟ ଅତ୍ୟାଧୁନିକ ଇଣ୍ଟର ହସ୍ପିଟାଲ**

**■କଏଦୀଙ୍କ ପିଲାଙ୍କ ପଢ଼ିବା ପାଇଁ ମଡେଲ ସ୍କୁଲ**

କଟକ ଜିଲା ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାଧାରମଣପୁରଠାରେ ଅତ୍ୟାଧୁନିକ ଆଦର୍ଶ କଏଦୀ କାରାଗାର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ କହିଥିଲେ, ଏହି ଜେଲ ହେବା ଦ୍ୱାରା ଅନ୍ୟ ସର୍କଲ ଜେଲ୍‌ର ଚାପ କମିବ। ଜେଲ ବିଭାଗ ଡିଜି ସନ୍ତୋଷ କୁମାର ଉପାଧ୍ୟାୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଏହି ଜେଲରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିବା ଅପରାଧୀମାନେ ରହିବେ। ଏହି କାର୍ଯ୍ୟକ୍ରମରେ ଜେଲ ଅଧକ୍ଷ ସୌଭାଗ୍ୟ ରଞ୍ଜନ ବଳଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିବାବେଳେ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଭର୍ଚୁଆଲରେ ଯୋଗଦେଇଥିଲେ।

ଜେଲ ବିଭାଗ ସୂଚନା ମୁତାବକ, ୧୨ କୋଟି ଟଙ୍କାରେ ଏହି ଜେଲ ନିର୍ମାଣ କରାଯାଇଥିବାବେଳେ ୩ କୋଟିରେ ଜେଲ ଅଧକ୍ଷ ଓ ୱାର୍ଡରମାନଙ୍କ ପାଇଁ କ୍ୱାର୍ଟର ନିର୍ମିତ ହୋଇଛି। ଜେଲରେ ୪୫୦ ଜଣ ପୁରୁଷ ଓ ୫୦ ଜଣ ମହିଳା କଏଦୀ ରହିପାରିବେ। ଜେଲ ଭିତରେ ମହିଳାଙ୍କ ପାଇଁ ୧୨ ଓ ପୁରୁଷଙ୍କ ପାଇଁ ୪୮ଟି ଶୌଚାଳୟ ସାଙ୍ଗକୁ ଡାଇନିଂ ସୁବିଧା କରାଯାଇଛି। କଏଦୀଙ୍କ ପିଲାମାନେ ପଢିବା ପାଇଁ ୨ହଜାର ବର୍ଗ ଫୁଟର ଦୁଇଟି ମଡେଲ ସ୍କୁଲ ନିର୍ମାଣ ହୋଇଥିବାବେଳେ, ୩୦୫୦ ବର୍ଗଫୁଟର ଦୁଇଟି ଇଣ୍ଡଷ୍ଟ୍ରି ହଲ ରହିଛି। ଏହାଛଡା କଏଦୀ ଓ ତାଙ୍କ ପିଲାଙ୍କ ପାଇଁ ୪୦ ବେଡ ବିଶିଷ୍ଟ ଅତ୍ୟାଧୁନିକ ଇଣ୍ଟର ହସ୍ପିଟାଲର, ୧୨ଟି ସ୍ପେଶାଲ ସେଲର ସୁବିଧା ସାଙ୍ଗକୁ ମହିଳାପୁରୁଷଙ୍କ ପାଇଁ ୨୦ଟି ୱାର୍ଡ ରହିଛି। ପ୍ରତି ୱାର୍ଡରେ ୨୫ ଜଣ କଏଦୀ ରହିବା ବ୍ୟବସ୍ଥା ହୋଇଛି। ପୂର୍ବ ଓଡ଼ିଶାର ବିଭିନ୍ନ ଜେଲରେ ଅଧିକ ଅପରାଧୀ ହେଲେ ସେମାନେ ଖୁଣ୍ଟୁଣୀ ଜେଲକୁ ସ୍ଥାନାନ୍ତର ହୋଇ ଆସିବେ ବୋଲି ଜେଲ ଅଧକ୍ଷ ବଳ କହିଛନ୍ତି।

# ଦୁର୍ନୀତି ରୋକିବାକୁ ଅଧିକାରୀଙ୍କ ଦକ୍ଷତା ବୃଦ୍ଧି କରାଯିବ

ଭିଜିଲାନ୍ସ ନିର୍ଦ୍ଦେଶକଭାବେ ୧୯୯୪ ବ୍ୟାଚ୍‌ର ଆଇପିଏସ୍ ଅଫିସର ଯଶୱନ୍ତ ଜେଠୱା ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ ପୋଲିସ ବିଭାଗର ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥାଇ ସୁଚାରୁରୂପେ ଦାୟିତ୍ୱ ସମ୍ପାଦନ କରିଛନ୍ତି। ତେବେ ଭିଜିଲାନ୍ସ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଧରିତ୍ରୀ ସହ ସ୍ୱତନ୍ତ୍ର ଆଳାପ।



**ପୂର୍ବରୁ କ୍ରାଇମବ୍ରାଞ୍ଚ ଓ ଆଇନଶୃଙ୍ଖଳା ଏଡିଜି ଭାବେ କାର୍ଯ୍ୟ କରିଛନ୍ତି । ଏବେ ନୂତନଭାବେ ଭିଜିଲାନ୍ସ ବିଭାଗର ଦାୟିତ୍ୱ ମିଳିଛି । କ'ଣ ଲକ୍ଷ୍ୟ ରହିଛି ?**

●ପୂର୍ବତନ ଭିଜିଲାନ୍ସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଦୁର୍ନୀତି ନିବାରଣ କ୍ଷେତ୍ରରେ ଯେଉଁ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି, ସେହି ଧାରାକୁ ଆଗକୁ ବଢାଇ ନିଆଯିବ। ଦେବାଶିଷବାବୁଙ୍କ ଅଧୁରା ସ୍ୱପ୍ନକୁ ସାକାର କରାଯିବ। ରାଜ୍ୟରେ ଭିଜିଲାନ୍ସ ବିଭାଗ ଉପରେ ଲୋକଙ୍କର ଭରସା ରହିଛି। ଦୁର୍ନୀତିଖୋର ଅଧିକାରୀଙ୍କୁ ସାବାଡ କରାଯିବ। ସେ ନେଇ ବିଭାଗୀୟ ସମସ୍ତ ଅଧିକାରୀଙ୍କୁ ନେଇ ଟିମ୍ ୱାର୍କ ମାଧ୍ୟମରେ ଦାୟିତ୍ୱ ଦିଆଯିବ।

**ଦିନକୁ ଦିନ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଦୁର୍ନୀତି ବଢ଼ିଚାଲିଛି । ଏଭଳି ପରିସ୍ଥିତିରେ ଆପଣଙ୍କ କାର୍ଯ୍ୟଶୈଳୀ କିପରି ରହିବ ?**

●କାରିଗରି କୌଶଳ ଓ ଫରେନସିକ ବିଜ୍ଞାନ ମାଧ୍ୟମରେ ଦୁର୍ନୀତିକୁ ରୋକିବା, ଅନୁସନ୍ଧାନ ଓ ଚାର୍ଜଶିଟ୍ ଦାଖଲ କାର୍ଯ୍ୟକୁ ମଜଭୁତ କରାଯିବ। ସେଥିପାଇଁ ବିଭାଗୀୟ ଅଧିକାରୀଙ୍କ ଦକ୍ଷତା ବୃଦ୍ଧି କରାଯିବ। ସେହିପରି ତଦନ୍ତକୁ ସୁଦୃଢ଼ କରିବା ପାଇଁ ଡିଏନ୍‌ଏ ଟେଷ୍ଟ, ଫିଙ୍ଗର ପ୍ରିଣ୍ଟ, ଭଏସ୍ ଆନାଲିସିସ୍ ଓ ଆଧୁନିକ କାରିଗରି କୌଶଳ ଉପରେ ଗୁରୁତ୍ୱ ଦିଆଯିବ।

**ବିଭାଗରେ ବହୁ ପଦବୀ ଖାଲିପଡିଥିବାରୁ କାର୍ଯ୍ୟ ଆଗେଇ ପାରୁନାହିଁ। ସେହିପରି ବହୁ ଅଭିଯୋଗ ଓ ମାମଲା ପଡି ରହିଛି। ଏନେଇ ଆପଣଙ୍କ ମତ ?**

●ଖାଲି ପଦବୀ ପୂରଣ ପାଇଁ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ। ନିର୍ଦ୍ଦେଶାଳୟରେ ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଯିବ। ସେହିପରି ମାମଲାଗୁଡ଼ିକର ମଧ୍ୟ ତଦନ୍ତ ଆଗେଇବ। ଏବେ ସମସ୍ତ କାର୍ଯ୍ୟ କୋଭିଡ୍ କଟକଣା ମଧ୍ୟରେ କରାଯିବ।

**-ସାକ୍ଷାତ୍‌କାର: ସୁଶାନ୍ତ କୁମାର ସାହୁ**

# ବର୍ଷାଦିନେ ଚାଲିଛି ନାଳ ସଫେଇ

କଣ୍ଟାପଡା, ୨୫।୬(ଡି.ଏନ୍.ଏ.)



ନାଳ ରେ ବର୍ଷାଜଳ ଥିବା ସତ୍ତ୍ୱେ ସଫେଇ କାମ ଚାଲିଛି।

**■କାମବେଳେ ବିଭାଗୀୟ କର୍ମଚାରୀ ଅନୁପସ୍ଥିତ**

**■ଜୁନ୍ ୧୬ ପରେ ମାଟିକାମ ନ କରିବା ପାଇଁ ନିର୍ଦ୍ଦେଶ ରହିଛି**

କଟକ ଡ୍ରେନେଜ ବିଭାଗ ଅଧୀନ କଣ୍ଟାପଡା ବ୍ଲକ ଅଞ୍ଚଳରେ ବର୍ଷାଦିନେ ପାଟନାଳି ସଫେଇ କାର୍ଯ୍ୟ କାହା ସ୍ୱାର୍ଥରେ ଚାଲିଛି ବୋଲି ସାଧାରଣରେ ଆଲୋଚନାର ବିଷୟ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ବର୍ଷାଦିନେ ଚାଷଜମିରୁ ଉଦ୍‌ବୃତ୍ତ ଜଳ ନିଷ୍କାସନ ପାଇଁ ରହିଥିବା ୮ କିମି ପାଟନାଳି ସଫେଇ, ତେଲିଜେଡି ନଦୀର ଛୋଦା ନିକଟରେ ପ୍ରୋଟେକ୍ସନ ୱାଲ ଓ ଝାରପଡା ନିକଟ ପାଟନାଳିରେ ଏକ ପାଦଚଲା ପୋଲ ପାଇଁ ୧କୋଟି ୨୨ଲକ୍ଷ ଟଙ୍କା ମଞ୍ଜୁର କରାଯାଇ ଗତ ଏପ୍ରିଲରେ ଜଣେ ଠିକାସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଛି। ଏହି କାର୍ଯ୍ୟ ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ସାରିବାକୁ ଚୁକ୍ତି କରାଯାଇଛି। ଠିକାଦାର ଜଣଙ୍କ କିଛିଦିନ ତଳେ କାମ ଆରମ୍ଭ କରିଥିବା ଜଣାପଡିଛି। ବର୍ଷା ଯୋଗୁ ବ୍ରାହ୍ମଣସାଇଲୋ ପାଟନାଳିରେ ପାଣି ଭରି ରହିଛି। ସଫେଇ ଆଳରେ ଠିକାଦାର ଜଣଙ୍କ ନାଳି କଡରୁ ମାଟି ଆଡେଇ ଦେଉଥିବା ଅଭିଯୋଗ ହେଉଛି। ବର୍ଷା ହେଲେ ପୁନର୍ବାର ଏହି ମାଟି ନାଳିଭିତରେ ପଶି ଜଳ ନିଷ୍କାସନରେ ବାଧା ସୃଷ୍ଟି କରିବ ବୋଲି ସ୍ଥାନୀୟ ଅଞ୍ଚଳର କେତେଜଣ ଚାଷୀ କହିଛନ୍ତି। ଜୁନ୍ ୧୬ ତାରିଖ ପରେ ମାଟିକାମ ନ କରିବା ପାଇଁ ସରକାରୀ ନିର୍ଦ୍ଦେଶ ରହିଥିବାବେଳେ ବିଭାଗୀୟ କର୍ତ୍ତୃପକ୍ଷ ଏହି କାର୍ଯ୍ୟ କରିବାକୁ କିପରି ଅନୁମତି ଦେଉଛନ୍ତି ତାହା ତଦନ୍ତ ସାପେକ୍ଷ। ଅପରପକ୍ଷେ ଏହି କାର୍ଯ୍ୟ ଚାଲୁଥିବାବେଳେ ବିଭାଗୀୟ କର୍ମଚାରୀ ଉପସ୍ଥିତ ରହୁ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠଯନ୍ତ୍ରୀ ଗୀତା ବେହେରା କହିଛନ୍ତି, ଏ ସମ୍ପର୍କିତ ଅନେକ ଅଭିଯୋଗ ଆସିଛି। ତେଣୁ ସମ୍ପୃକ୍ତ ସଂସ୍ଥାକୁ କାମ ବନ୍ଦ କରିବା ପାଇଁ ମୁଁ କହିବି। ତେବେ କର୍ମଚାରୀ ଅଭାବ ଯୋଗୁ ସେଠାରେ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରିବା ସମ୍ଭବ ପର ନୁହେଁ ବୋଲି ସେ କହିଥିଲେ।

## ସଂକ୍ଷେପରେ

### ଦିନକରେ ୧୨୬ ସଂକ୍ରମିତ, ୧୭୩ ସୁସ୍ଥ

ଖୋର୍ଦ୍ଧା ଅଫିସ,୨୫।୬: ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ସଂକ୍ରମଣ ନିୟନ୍ତ୍ରଣ ସ୍ଥିତିକୁ ଫେରୁଛି। ସଂକ୍ରମଣ ହାର କମୁଥିବା ବେଳେ ସୁସ୍ଥ ହାର ବଢୁଛି। ଶୁକ୍ରବାର ୧୨୬ଜଣ ସଂକ୍ରମିତ ହୋଇଥିବା ବେଳେ ୧୭୩ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ସଂକ୍ରମିତଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକର ୮, ବାଲିପାଟଣା ୧୩, ଭୁବନେଶ୍ୱର ବ୍ଲକ ୮, ଜଟଣୀ ୧୩, ଖୋର୍ଦ୍ଧା ୨୩, ବେଗୁନିଆ ୬, ବୋଲଗଡ଼ ୨୧, ଟାଙ୍ଗୀ ୨୨, ଚିଲିକା ୫ ଏବଂ ବାଣପୁରର ୭ଜଣ ରହିଛନ୍ତି। ଜିଲା ପ୍ରଶାସନର ରିପୋର୍ଟ ଅନୁସାରେ ୩,୯୦,୩୨୫ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୨୫,୭୧୩ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୨୪,୬୮୫ଜଣ ସୁସ୍ଥ ହୋଇଛନ୍ତି। ୧୨୦ଜଣଙ୍କ ମୃତ୍ୟୁ ଘଟିଛି। ୯୦୮ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି।

### କରୋନା ଆକ୍ରାନ୍ତ ମହିଳାଙ୍କ ମୃତ୍ୟୁ

ନିରାକାରପୁର,୨୫।୬(ଡି.ଏନ୍.ଏ): କରୋନାରେ ଆକ୍ରାନ୍ତ ପ୍ରମିଳା ପଟ୍ଟନାୟକଙ୍କ ଶୁକ୍ରବାର ଅପରାହ୍ଣରେ ମୃତ୍ୟୁ ଘଟିଛି। ତାଙ୍କୁ ୪୬ବର୍ଷ ବୟସ ହୋଇଥିଲା। ସୂଚନା ମୁତାବକ, ପ୍ରମିଳା କରୋନାରେ ଆକ୍ରାନ୍ତ ହୋଇ ୧୯ଦିନ ହେବ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଅପରାହ୍ଣ ୪ଟାରେ ତାଙ୍କ ମୃତ୍ୟୁ ହୋଇଥିଲା। ଭୁବନେଶ୍ୱରର ସତ୍ୟନଗର ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି ବୋଲି ସ୍ୱାମୀ ତଥା ଖବରଦାତା ଶ୍ୟାମସୁନ୍ଦର ପଟ୍ଟନାୟକ କହିଛନ୍ତି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଖବରଦାତା ମାନସ ଚନ୍ଦ୍ର ପଟ୍ଟନାୟକ, ସଂଗ୍ରାମ କେଶରୀ ପଟ୍ଟନାୟକ, ଉମେଶ ପଟ୍ଟନାୟକ, ହିମାଂଶୁ ଭୂଷଣ ଚମ୍ପତିରାୟ, ଲଛମନ ନାୟକ, ଟାଙ୍ଗ ମିଡିଆ ସେବା ସଂଘର ସଭାପତି ରବୀନ୍ଦ୍ର ରଣା, ସମ୍ପାଦକ ସନ୍ତୋଷ ଚୌଧୁରୀ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ଡା.ସୁଶାନ୍ତ ପଣ୍ଡାଙ୍କ ବିୟୋଗରେ ସ୍ମୃତିସଭା

ଖୋର୍ଦ୍ଧା,୨୫।୬: ଖୋର୍ଦ୍ଧା ବିଜେବି ହାଇସ୍କୁଲର ପୂର୍ବତନ ଛାତ୍ର ତଥା ବରିଷ୍ଠ ଡାକ୍ତର ସୁଶାନ୍ତ ପଣ୍ଡାଙ୍କ ବିୟୋଗରେ ଶୁକ୍ରବାର ପୁରାତନ ଛାତ୍ରଙ୍କ ପକ୍ଷରୁ ଏକ ସ୍ମୃତିସଭା ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପୁରାତନ ଛାତ୍ରମାନେ ସୁଶାନ୍ତଙ୍କ ସ୍ମୃତିଚାରଣ କରିଥିଲେ। ଡା. ପଣ୍ଡା ୧୯୮୪ମସିହାରେ ବିଜେବି ହାଇସ୍କୁଲରୁ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। କରୋନା ମହାମାରୀରେ ପୁରୀ ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଥିବା କୋଭିଡ୍ ପରିଚାଳନା କେନ୍ଦ୍ରର ଅଧୀକ୍ଷକ ଦାୟିତ୍ୱରେ ରହିଥିଲେ। କୋଭିଡ୍‌ରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇରେ ଜନ୍ମଗ୍ରହଣ କରିଥିଲେ ମଧ ତାଙ୍କ ଛାତ୍ରଜୀବନ ଖୋର୍ଦ୍ଧାରେ କଟିଥିଲା। ତାଙ୍କ ସ୍ମୃତିରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଛି।

### ୧ ଯାଏ ବନ୍ଦ ହେଲା ୟୁନିଟ୍-୧ ହାଟ

ଭୁବନେଶ୍ୱର,୨୫।୬(ବ୍ୟୁରୋ): କରୋନା କଟକଣା ଉଲ୍ଲଂଘନ ଅଭିଯୋଗରେ ଭୁବନେଶ୍ୱର ୟୁନିଟ୍-୧ ହାଟକୁ ଶୁକ୍ରବାରଠାରୁ ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ବନ୍ଦ କରାଯାଇଛି। ହାଟରେ ଥିବା ଉଭୟ ହୋଲ୍‌ସେଲ୍ ଓ ରିଟେଲ ବ୍ୟବସାୟୀଙ୍କ ଦୋକାନ ବନ୍ଦ ରହିବ ବୋଲି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ସାରା ରାଜ୍ୟରେ ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନ୍ ଜାରି ରହିଥିବାବେଳେ ସଂକ୍ରମଣ କମୁଥିବାରୁ ୧୭ ଜିଲାରେ କଟକଣାକୁ ସାମାନ୍ୟ କୋହଳ କରାଯାଇଛି। ଦିନ ୧୧ଟା ପରିବର୍ତ୍ତେ ଏବେ ଅପରାହ୍ଣ ୧ଟା ପର୍ଯ୍ୟନ୍ତ ହାଟରେ କାରବାର ଚାଲୁଛି। ସହରର ଅନ୍ୟତମ ବଡ଼ ୟୁନିଟ୍-୧ ହାଟକୁ ଗ୍ରାହକଙ୍କ ଠାରୁ ଆରମ୍ଭ କରି ଖୁଚୁରା ବେପାରୀ ପର୍ଯ୍ୟନ୍ତ ସମସ୍ତେ କିଣାକିଣି କରିବାକୁ ଆସୁଥିବାରୁ ସାଧାରଣତଃ ଏଠାରେ ଅଧିକ ଗହଳି ରହିଥାଏ। ତେବେ ଶନିବାର ଓ ରବିବାର ସପ୍ତାହାନ୍ତ ଶଟ୍‌ଡାଉନ୍ ଥିବାରୁ ଶୁକ୍ରବାର ହାଟରେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ଲୋକମାନେ ସାମାଜିକ ଦୂରତାକୁ ମାନି ନ ଥିଲେ। କେତେଜଣ ମାସ୍କ ପିନ୍ଧି ନ ଥିବାବେଳେ ଆଉ କେତେଜଣଙ୍କ ମୁହଁରେ ଠିକ୍ ଭାବେ ରହି ନ ଥିଲା। ପ୍ରବଳ ଗହଳିରୁ ସଂକ୍ରମଣ ବ୍ୟାପିବା ଆଶଙ୍କା ଥିବାରୁ ହାଟକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

# ରେଗୁଲାରରେ ୯୮.୬୧% ପାସ୍

## ଖୋର୍ଦ୍ଧା ଜିଲା

ଖୋର୍ଦ୍ଧା ଅଫିସ,୨୫।୬

ଚଳିତ ବର୍ଷର ମାଟ୍ରିକ ସାର୍ଟିଫିକେଟ ରେଗୁଲାର ଏବଂ ଏକ୍ସ-ରେଗୁଲାର ପରୀକ୍ଷା ଫଳ ପ୍ରଥମଥର ପାଇଁ ବିନା ପରୀକ୍ଷାରେ ଶୁକ୍ରବାର ପ୍ରକାଶ ପାଇଛି। ଖୋର୍ଦ୍ଧା ଜିଲାର ୩୩୬ ବିଦ୍ୟାଳୟରେ ୨୮,୨୮୮ ଛାତ୍ରୀଛାତ୍ର ଫର୍ମଫିଲପ କରିଥିଲେ। ତେବେ ସେଥିରୁ ଅଭ୍ୟାସ ପରୀକ୍ଷାରେ ୨୮,୧୫୭ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିଲେ। ୧୩୧ ଅନୁପସ୍ଥିତ ଥିଲେ। ୨୭,୮୯୬ ବିଦ୍ୟାର୍ଥୀ ପାସ୍ କରିଛନ୍ତି। ତନ୍ମଧ୍ୟରୁ ୧୪୨୦୬ ଛାତ୍ର ଏବଂ ୧୩୬୯୦ ଛାତ୍ରୀ ରହିଛନ୍ତି। ପାସ୍ ହାର ୯୮.୬୧ ପ୍ରତିଶତ ରହିଛି। ଏ-୧ରେ ୩୦୦, ଏ-୨ରେ ୧୮୦୫, ବି-୧ରେ ୩୬୩୪, ବି-୨ରେ ୫୪୫୧, ସି-ରେ ୬୬୪୪, ଡି-ରେ ୬୫୧୧ ଏବଂ ଇ-ରେ ୩୫୫୧ଜଣ ରହିଛନ୍ତି। ୨୬୧ ଜଣ ଫେଲ୍ ହୋଇଛନ୍ତି। ସେହିପରି ଏକ୍ସ- ରେଗୁଲାରରେ ୩ଶହ ବିଦ୍ୟାଳୟର ୧୯୫୯ ବିଦ୍ୟାର୍ଥୀ ପରୀକ୍ଷା ଲାଗି ଫର୍ମଫିଲପ କରିଥିଲେ। ୩୭ଜଣ ଅନୁପସ୍ଥିତ ରହିଥିଲେ। ୧୭୮୧ଜଣ ପାସ୍ କରିଛନ୍ତି। ସେଥିରୁ ୧୧୫୩ ଛାତ୍ର ଏବଂ ୬୨୮ ଛାତ୍ରୀ ରହିଛନ୍ତି। ପାସ୍ ହାର ୯୦.୯୧ ପ୍ରତିଶତ ରହିଛି। ଏ-୨ /ବି-୧ ଓ ବି-୨ରେ ଜଣେ ଲେଖାଏ ରହିଥିବା ବେଳେ ଡି-ରେ ୭ ଏବଂ ୧୭୬୯ଜଣ ରହିଛନ୍ତି। ୧୪୧ ଫେଲ୍ ହୋଇଛନ୍ତି। କମ୍ପାର୍ଟମେଣ୍ଟରେ ୨ଜଣ ପାସ୍ କରିଛନ୍ତି। ଖୋର୍ଦ୍ଧା ବିଜେବି ହାଇସ୍କୁଲ ଛାତ୍ର ଦିଲୀପ କୁମାର ପାତ୍ର ଏବଂ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ଶ୍ରୀଜନ ମିଶ୍ର ଉଭୟ ୫୫୯ ମାର୍କ ସହିତ ୯୩ ପ୍ରତିଶତ ରଖିଛନ୍ତି।

## ଏମାନେ କ'ଣ କୁହନ୍ତି ...



“ନବମ ଓ ଦଶମ ଶ୍ରେଣୀର ଅଭ୍ୟାସ ପରୀକ୍ଷାରେ ରଖିଥିବା ମାର୍କ ଆଧାରରେ ମୂଲ୍ୟାୟନ କରାଯାଇଛି। ଅସନ୍ତୁଷ୍ଟ ଛାତ୍ରୀଛାତ୍ର ପ୍ରତ୍ୟକ୍ଷ ପରୀକ୍ଷା ଦେବା ଲାଗି ଆବେଦନ କରିପାରିବେ। ଚଳିତ ବର୍ଷ ଛାତ୍ରୀଛାତ୍ରଙ୍କ ଅନଲାଇନ ପାଠପଢ଼ା ଉପରେ ଗୁରୁତ୍ୱ ଦିଆଯାଇଥିଲା। ନିର୍ଦ୍ଧାରିତ ସମୟରେ ଶହେ ଦିନିଆ କୋର୍ସ ସାରିବା ଚାଲେଞ୍ଜ ରହିଥିଲା। ଏ-୧ ଏବଂ ଏ-୨ରେ ଫଳାଫଳ ଗତବର୍ଷ ଅପେକ୍ଷା ଅଧିକା ରହିଛି।

- ବନ୍ଦନା ମହାପାତ୍ର, ଜିଲା ଶିକ୍ଷାଧିକାରୀ, ଖୋର୍ଦ୍ଧା



“ପିଲାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ସ୍ୱାଗତ ଯୋଗ୍ୟ ପଦକ୍ଷେପ। ମୂଲ୍ୟାୟନରେ ତ୍ରୁଟି ଯୋଗୁ ବହୁ ମେଧାବୀ ଛାତ୍ରୀଛାତ୍ର ଆଶା ଠାରୁ କମ୍ ନମ୍ବର ପାଇଛନ୍ତି। ମୋ ଝିଅର ପରିଶ୍ରମ ଅନୁସାରେ ଫଳାଫଳ ନିରାଶ କରିଛି। ଯେଉଁ ଆଶା ରହିଥିଲା। ରେଜଲ୍ଟ ନିରୁତ୍ସାହିତ କରିଛି।

- ରବୀନ୍ଦ୍ର କୁମାର ରଥ, ଅଭିଭାବକ, ଖୋର୍ଦ୍ଧା



“ପରୀକ୍ଷା ଲାଗି ସମସ୍ତ ପ୍ରସ୍ତୁତି ସରିଥିବା ବେଳେ ଶେଷ ମୁହୂର୍ତ୍ତରେ ସରକାର ଏହାକୁ ବାତିଲ କରିଦେଲେ। ୯୫ପ୍ରତିଶତ ଆଶା ରଖିଥିବା ବେଳେ ୫୪୮ ସହ ୯୧ ପ୍ରତିଶତ ରହିଛି। ପିଲାବେଳୁ ଅନେକ ଶିକ୍ଷକଙ୍କ ମାର୍ଗଦର୍ଶନ ହାସଲ କରିଛି। ଭବିଷ୍ୟତ ଜଣେ ଶିକ୍ଷକ ହେବି ବୋଲି ଆଶା ରଖିଛି।

- ବିସ୍ମୟ ସାହୁ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଖୋର୍ଦ୍ଧା

# ସ୍ତ୍ରୀ ଗଳାକାଟି ହତ୍ୟା

## ସ୍ୱାମୀ ଗିରଫ

ଜଟଣୀ,୨୫।୬(ଡି.ଏନ୍.ଏ.)

ଜଟଣୀ ଥାନା ଅଧୀନ ପାଇକରାପୁର ଅଞ୍ଚଳରେ ଶୁକ୍ରବାର ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ସ୍ତ୍ରୀର ଗଳା କାଟି ହତ୍ୟା କରିଛି ସ୍ୱାମୀ। ମୃତା ହେଲେ ପାଇକରାପୁର ଅଞ୍ଚଳରେ ରହୁଥିବା ସୁକାନ୍ତ ମଲ୍ଲିକଙ୍କ ସ୍ତ୍ରୀ ପୂଜା ମଲ୍ଲିକ। ଜଟଣୀ ଥାନା ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତାଙ୍କ ବାପା ଅନ୍ତର୍ଯାମୀ ପ୍ରଧାନଙ୍କ ଅଭିଯୋଗକ୍ରମେ ପୋଲିସ ଦଫା ୩୦୨ରେ ହତ୍ୟା ମାମଲା (ନଂ.୩୦୩/୨୧)ରୁଜୁ କରିଛି। ଅନ୍ୟପଟେ ହତ୍ୟାକାଣ୍ଡ ଘଟାଇ ସୁକାନ୍ତ ଥାନାରେ ଆତ୍ମସମର୍ପଣ କରିବା ପରେ ପୋଲିସ ତାଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଭୁବନେଶ୍ୱର ବମିଖାଲ ଅଞ୍ଚଳର ପୂଜା ୧୩ବର୍ଷ ପୂର୍ବେ ପୁରୀ ଜିଲା ପିପିଲି ଥାନା ଅଧୀନ ମଠସାହିର ସୁକାନ୍ତଙ୍କୁ ପ୍ରେମବିବାହ କରିଥିଲେ। ସୁକାନ୍ତ ଜଟଣୀ ରେଳ ଷ୍ଟେଶନରେ ଅଟୋ ଲଗାଇ ରୋଜଗାର କରି ପାଇକରାପୁରରେ ଦୁଇ ଝିଅ ଓ ସ୍ତ୍ରୀଙ୍କ ସହ ରହୁଥିଲେ। ତେବେ କୌଣସି କାରଣକୁ ନେଇ ଅନେକ ସମୟରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥାଏ। ୩ମାସ ପୂର୍ବେ ଦୁଇ ଝିଅଙ୍କୁ ସାଥିରେ ନେଇ ପୂଜା କେଉଁଆଡେ ପଳାଇଥିଲେ। ଏନେଇ ସୁକାନ୍ତ ଜଟଣୀ ଥାନାରେ ଅଭିଯୋଗ କରିଥିଲେ। କିଛିଦିନ ପରେ ପୂଜା ଦୁଇଝିଅଙ୍କ ସହ ପୁଣି ସ୍ୱାମୀଙ୍କ ନିକଟକୁ ଫେରିଆସିଥିଲେ। ଗୁରୁବାର ରାତିରେ ଉଭୟଙ୍କ ମଧ୍ୟରେ ପୁଣି କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। ଶୁକ୍ରବାର ସକାଳେ ସୁକାନ୍ତ ଦୁଇ ଝିଅଙ୍କୁ ଧୂପକାଠି ଆଣିବା ପାଇଁ ଦୋକାନକୁ ପଠାଇଥିଲେ। ଏହା ପରେ ପୂଜାଙ୍କ ଗଳାକୁ ଏକ ଛୁରିରେ କାଟି ହତ୍ୟା କରିଥିଲେ। ଦୁଇ ଝିଅ ଘରେ ପହଞ୍ଚିବା ପରେ ସୁକାନ୍ତ ଦୌଡି ପଳାଇଥିଲେ। ଝିଅଙ୍କ କାନ୍ଦ ଶୁଣି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଜଟଣୀ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଧାର କରଜକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ଅନୁମାନ କରୁଛି। ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ପୋଲିସ କହିଛି।





ଖୋର୍ଦ୍ଧା ଜିଲା କମ୍ୟୁନିଷ୍ଟ ପାର୍ଟି(ମାର୍କ୍ସବାଦୀ) କମିଟି ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଉଛି।

# ତୈଳ ଦର ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

ଖୋର୍ଦ୍ଧା ଅଫିସ,୨୫।୬

ତୈଳ ଦର ଓ ଖାଉଟି ସାମଗ୍ରୀ ଦରଦାମ ବୃଦ୍ଧି ପ୍ରତିବାଦରେ ବାମପନ୍ଥୀ ଦଳଗୁଡ଼ିକ ଆହ୍ୱାନକ୍ରମେ ଖୋର୍ଦ୍ଧା ଜିଲା କମ୍ୟୁନିଷ୍ଟ ପାର୍ଟି(ମାର୍କ୍ସବାଦୀ) କମିଟି ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଇଛି। କୋଭିଡ୍ ସମୟରେ ତୈଳ ଦର ବୃଦ୍ଧି ପାଇବା ସହ ଖାଇବା ତେଲ, ଡାଲି, ଔଷଧ ଆଦି ଦୈନନ୍ଦିନ ସାମଗ୍ରୀ ଦର ଆକାଶଛୁଆଁ ହେଲାଣି। କୋଭିଡ୍‌ରେ ଗରିବ, ଖଟିଖିଆ, ଶ୍ରମିକ ଶ୍ରେଣୀର ଲୋକଙ୍କ ଜୀବିକା ସଙ୍କଟାପର୍ଣ୍ଣ ସ୍ଥିତି ଦେଇ ଗତିକରୁଛି। ଆୟକର ପରିସର ବାହାରେ ଥିବା ପ୍ରତି ପରିବାରକୁ ମାସିକ ୭,୫୦୦ଟଙ୍କା ସହାୟତା ଦିଆଯାଉ। କୋଭିଡ୍ ଭୟାବହତାକୁ ଦେଖି ଟିକାକରଣକୁ ସାର୍ବଜନୀନ କରାଯାଉ। ଏଥିସହ ଖୋର୍ଦ୍ଧା ଶିଳ୍ପାଞ୍ଚଳସ୍ଥିତ ଘରୋଇ ସଂସ୍ଥା ଶ୍ରମିକମାନଙ୍କ ସମସ୍ୟା ତ୍ରିପାକ୍ଷିକ ଆଲୋଚନା ମାଧ୍ୟମରେ ସମାଧାନ କରିବା ଲାଗି ଦାବି କରିଛନ୍ତି।

# ଯୁବକଙ୍କ ମୃତଦେହ ଜବତ

ବାଲୁଗାଁ,୨୫।୬(ଡି.ଏନ.ଏ)

ବାଲୁଗାଁ ଥାନା ଅଧୀନ ନାଭାଲ ଫାଣ୍ଡି ଅନ୍ତର୍ଗତ ବିଧାରପୁର ଗ୍ରାମରେ ଶୁକ୍ରବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ଆଲୋକ କୁମାର ଜେନା(୩୩)। ପ୍ରକାଶ ଯେ, ନାଭାଲ ଫାଣ୍ଡି ଅଧୀନ ବିଧାରପୁର ଗ୍ରାମର ଆଲୋକ ୪ବର୍ଷ ପୂର୍ବେ ବେଲପଡ଼ା ଗ୍ରାମରେ ବିବାହ କରିଥିଲେ। କୌଣସି କାରଣକୁ ନେଇ ପାରିବାରିକ କଳହ ଲାଗି ରହୁଥିଲା। ଶୁକ୍ରବାର ସକାଳେ ଆଲୋକଙ୍କ ମୃତଦେହ ଝୁଲୁଥିବା ଦେଖି ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାଲୁଗାଁ ସରକାରୀ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଲୋକଙ୍କ ବାପା ରଘୁନାଥ ଜେନାଙ୍କ ଅଭିଯୋଗକୁ ଭିତ୍ତିକରି ନାଭାଲ ଫାଣ୍ଡି ଅଧିକାରୀ ଦିଲୀପ କୁମାର ସାହୁ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୭/୨୧) ରୁଜୁ କର ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ୭୫୦ଲିଟର କିରୋସିନ ଜବତ

ଜଟଣୀ/ଝାଁଳା,୨୫।୬(ଡି.ଏନ୍.ଏ.)



ଜଟଣୀ ଥାନା ପୋଲିସ ଶୁକ୍ରବାର ଝାଁଳା ଫାଣ୍ଡି ଅନ୍ତର୍ଗତ ପିତାପଲ୍ଲୀ ଛକ ନିକଟରେ ଚଢ଼ାଉ କରି ଚୋରା କିରୋସିନ ଆଡ୍ଡା ଠାବ କରିଛି। ୧୫ଟି ବ୍ୟାରେଲରେ ଭର୍ତ୍ତି ହୋଇଥିବା ୭୫୦ଲିଟର କିରୋସିନ ଜବତ କରାଯାଇଛି। ଏହି ଘଟଣାରେ ପୋଲିସ କାହାରିକୁ ଗିରଫ କରିନାହିଁ। ସୂଚନା ମୁତାବକ, ପିତାପଲ୍ଲୀ ଛକଠାରେ ବ୍ୟାରେଲ ବ୍ୟାରେଲ ଚୋରା କିରୋସିନ ରଖାଯାଇଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଶୁକ୍ରବାର ସନ୍ଧ୍ୟାରେ ଆଇଆଇସି ବିଶ୍ୱରଞ୍ଜନ ସାହୁ ଏକ ଟିମ୍ ସହ ଚଢ଼ାଉ କରିଥିଲେ। ଚଢ଼ାଉବେଳେ ସରକାରୀ ପିଡିଏସ୍ କିରୋସିନ ବୋଲି ଜାଣିବାକୁ ପାଇଥିଲେ। ଉକ୍ତ ସ୍ଥାନରୁ ୭୫୦ ଲିଟର କିରୋସିନ ଜବତ ହୋଇଥିଲା। ତେବେ ଏତେ ପରିମାଣର କିରୋସିନ କେଉଁଠୁ ଏବଂ କିପରି ଆସୁଛି ତା'ହା ତଦନ୍ତ ପରେ ଜଣାପଡ଼ିବ ବୋଲି ଆଇଆଇସି ସାହୁ କହିଛନ୍ତି।

# ପଟିଦିଅଁଙ୍କ ନିକଟରେ ଲାଗିହେଲା ମହାପ୍ରସାଦ

ପୁରୀ ଅଫିସ, ୨୫।୬:

ପବିତ୍ର ସ୍ନାନପୂର୍ଣ୍ଣିମା ଅବସରରେ ସ୍ନାନମଣ୍ଡପରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଚତୁର୍ଦ୍ଧାବିଗ୍ରହ ଜ୍ୱରରେ ପୀଡ଼ିତ ହୋଇଛନ୍ତି। ଗୁରୁବାରଠାରୁ ମହାପ୍ରଭୁଙ୍କ ଅଣସର ନୀତି ଆରମ୍ଭ ହୋଇଛି। ଏହା ୧୫ଦିନ ଧରି ଚାଲିବ। ଶୁକ୍ରବାର ଅଣସରର ଦ୍ୱିତୀୟ ଦିବସ ଥିଲା। କରୋନା କଟକଣା ପାଇଁ ଗତବର୍ଷ ପରି ଚଳିତ ବର୍ଷ ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ ରହିଛି। ସେବାୟତମାନେ କେବଳ ପଟିଦିଅଁଙ୍କୁ ଦର୍ଶନ କରୁଛନ୍ତି। ଅନ୍ୟ ପକ୍ଷରେ ଦଇତାପତିମାନେ ଜ୍ୱରାକ୍ରାନ୍ତ ମହାପ୍ରଭୁଙ୍କୁ ଗୁପ୍ତ ଉପଚାର ଓ ସେବା କରୁଛନ୍ତି। ଅଣସର ସମୟରେ ଶ୍ରୀଜୀଉ ଶ୍ୱେତବସ୍ତ୍ର ପରିଧାନ କରିବାର ବିଧି ଥିବାବେଳେ ତୁଳସୀ ଲାଗି କରାଯାଏ ନାହିଁ। ଏହି ୧୫ଦିନ ମହାପ୍ରଭୁଙ୍କୁ କେବଳ ଧଳା ଫୁଲ ଲାଗି କରାଯାଏ। ବିଧି ଅନୁଯାୟୀ ଅଣସର ପିଣ୍ଡିରେ କେବଳ ଗୋଟିଏ ଦୀପ ଜଳୁଛି। ଘନ ଅନ୍ଧକାର ମଧ୍ୟରେ ଗୁପ୍ତ ନୀତି କରାଯାଉଛି। ଜଗମୋହନରୁ ଅଣସର ଘର ପର୍ଯ୍ୟନ୍ତ ନିଷିଦ୍ଧାଞ୍ଚଳ କରାଯାଇଛି। ଭଜନ, କୀର୍ତ୍ତନ, ଗୀତ, ଘଣ୍ଟ ଘଣ୍ଟା, କାହାଳୀ, ବାଜା ସବୁ ବନ୍ଦ ରହିଛି। ଚତୁର୍ଦ୍ଧାମୂର୍ତ୍ତି ଅଣସର ଘରେ ଥିବାବେଳେ ଦର୍ଶନ ପାଇବାରୁ ଭକ୍ତ ଓ ସେବାୟତ ବଞ୍ଚିତ ହୁଅନ୍ତି। ତେଣୁ ପଟିଦିଅଁଙ୍କୁ ଦର୍ଶନ କରି ସେମାନେ ଆତ୍ମତୃପ୍ତି ଲାଭ କରିଥାନ୍ତି। ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଅନନ୍ତ ନାରାୟଣ, ଶ୍ରୀବଳଭଦ୍ରଙ୍କ ସ୍ଥାନରେ ଅନନ୍ତ ବାସୁଦେବ ଏବଂ ଦେବୀ ସୁଭଦ୍ରାଙ୍କ ସ୍ଥାନରେ ମା' ଭୁବନେଶ୍ୱରୀ ପଟିଦିଅଁ ଭାବେ ପୂଜିତ ହେଉଛନ୍ତି। ଏହି ୧୫ଦିନ ମହାପ୍ରଭୁଙ୍କ ନିକଟରେ ପଣା ଓ ଚକଟା ଭୋଗ ଏବଂ ପଟିଦିଅଁଙ୍କୁ ଅନ୍ନ ମହାପ୍ରସାଦ ଭୋଗ ଲାଗି କରାଯାଉଛି। ଆସନ୍ତା ପଞ୍ଚମୀ ତିଥିରୁ ମହାପ୍ରଭୁଙ୍କ ଜ୍ୱର ଲାଘବ ପାଇଁ ଦଇତାପତିମାନେ ଫୁଲୁରି ତେଲ ଲାଗି କରିବାର ବିଧି ରହିଛି। ଏହାପରେ ରାଜବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ଦଶମୂଳୀ ମୋଦକ ସେବନ କରି ମହାପ୍ରଭୁ ସୁସ୍ଥ ହେବେ।



ପଟିଦିଅଁଙ୍କ ନିକଟରେ ମହାପ୍ରସାଦ ଲାଗିହେବା ପରେ ଶ୍ରୀମନ୍ଦିରରୁ ବାହାରକୁ ଅଣାଯାଉଛି ।

# ବିଦ୍ୟାର୍ଥୀଙ୍କ ପାଠପଢ଼ାକୁ ଗୁରୁତ୍ୱ

ଟାଙ୍ଗୀ(ଖୋର୍ଦ୍ଧା)/ନିରାକାରପୁର, ୨୫।୬(ଡି.ଏନ୍.ଏ)

ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ଶୁକ୍ରବାର ସନ୍ଧ୍ୟାରାଣୀ ରାଉତ ଯୋଗ ଦେଇଛନ୍ତି। ଖୋର୍ଦ୍ଧା ବିଇଓ ଭାବେ ରାଉତ କାର୍ଯ୍ୟ କରିବା ସହ ଅତିରିକ୍ତ ଦାୟିତ୍ୱ ଭାବେ ଟାଙ୍ଗୀ ବିଇଓ କାର୍ଯ୍ୟ ତୁଲାଇବେ। ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ବିଇଓଙ୍କୁ ସ୍ୱାଗତ କରାଯାଇଛି। ଅତିରିକ୍ତ ବିଇଓ ଦେବଦତ୍ତ ମହାପାତ୍ର, ଶିକ୍ଷକ ସଂଘ ସମ୍ପାଦକ ସନ୍ତୋଷ କୁମାର ବେହେରା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟରେ ଯୋଗଦେବା ପରେ ଏକ ବୈଠକରେ ଛାତ୍ରୀଛାତ୍ରଙ୍କ ୟୁଟ୍ୟୁବ୍‌ରେ ପାଠପଢ଼ା ସମ୍ପର୍କରେ ଆଲୋଚନା କରିଥିଲେ। ସମସ୍ତ ପିଲାଙ୍କ ପାଖରେ ମୋବାଇଲ ଫୋନ ନ ଥିବାରୁ ୟୁଟ୍ୟୁବ୍ କ୍ଲାସ୍‌ରେ ଯୋଗଦେଇ ପାରୁନାହାନ୍ତି। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପିଲାଙ୍କ ପାଖକୁ ଯାଇ ପାଠପଢ଼ା ସମ୍ପର୍କରେ ବୁଝାଇବା ସହ ପ୍ରଶ୍ନର ଉତ୍ତର ଆଦାୟ କରିବାକୁ ପରାମର୍ଶ ଦେଇଥିଲେ।

# ପ୍ରାଣୀ ସହାୟକ କେନ୍ଦ୍ର ଉଦ୍‌ଘାଟିତ



ଉଦ୍‌ଘାଟନୀ ଅବସରରେ ବିଧାୟକ ସୁରେଶ କୁମାର ରାଉତରାୟ ଓ ଅନ୍ୟମାନେ।

ଝାଁଳା,୨୫।୬(ଡି.ଏନ୍.ଏ.)

ଜଟଣୀ ବ୍ଲକ ଗଙ୍ଗପଡ଼ା ପଞ୍ଚାୟତର ଭାତଖୁରିଠାରେ ଶୁକ୍ରବାର ନୂତନ ପ୍ରାଣୀ ସହାୟକ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ନୂତନ ଗୃହର ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ଗଙ୍ଗପଡ଼ା ପଞ୍ଚାୟତର ସରପଞ୍ଚ ଗୀତାଞ୍ଜଳି ମହାରଣା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପୂର୍ବରୁ ଏହି ପ୍ରାଣୀ ସହାୟକ କେନ୍ଦ୍ର ଅବହେଳିତ ଅବସ୍ଥାରେ ପଡ଼ିଥିବାରୁ ଗୃହ ପାଳିତ ପ୍ରାଣୀଙ୍କ ଚିକିତ୍ସାରେ ଅସୁବିଧା ହେଉଥିଲା। ନୂତନ ଗୃହ ହେବା ଦ୍ୱାରା ପ୍ରାଣୀ ଚିକିତ୍ସାରେ କୌଣସି ବ୍ୟତିକ୍ରମ ହେବନାହିଁ। ଜୀବଜନ୍ତୁଙ୍କ କୌଣସି ଅସୁବିଧା ହେଲେ ଆଉ ବାହାରକୁ ଯିବାକୁ ପଡିବ ନାହିଁ ବୋଲି ସେ କହିଥିଲେ। ଉତ୍ସବରେ କୋଭିଡ୍ କଟକଣା ପାଳନ କରାଯାଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ନାଏବ ସରପଞ୍ଚ, ସମସ୍ତ ୱାର୍ଡ ସଭ୍ୟ ଓ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

# 'ପ୍ରତି ପଞ୍ଚାୟତରେ ଟିକାକରଣ ବ୍ୟବସ୍ଥା ଉପରେ ଗୁରୁତ୍ୱ'

ବାଲୁଗାଁ/ଟାଙ୍ଗୀ(ଖୋର୍ଦ୍ଧା), ୨୫।୬(ଡି.ଏନ୍.ଏ)

ଚିଲିକା ପଞ୍ଚାୟତ ସମିତିର ସାଧାରଣ ୧୦ମ ସାଧାରଣ ବୈଠକ ଭର୍ଚୁଆଲ ମାଧ୍ୟମରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତି ଅଧ୍ୟକ୍ଷା ଝରଣାରାଣୀ ବାରିକ ଅଧ୍ୟକ୍ଷତା କରିଥିଲେ। ଚିଲିକା ବିଧାୟକ ତଥା ଖୋର୍ଦ୍ଧା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦ୍ଦେବ ଯୋଗଦେଇ ଜନସାଧାରଣ ଯେପରି ଅଧିକରୁ ଅଧିକ ଟିକା ସହଜରେ ନେଇପାରିବେ ଓ ପ୍ରତି ପଞ୍ଚାୟତରେ ଟିକାକରଣ ବ୍ୟବସ୍ଥା କରିବା ପାଇଁ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ସୌମ୍ୟକାନ୍ତ ଦାସପଟ୍ଟନାୟକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ଚୟନ କରିବା ନିମନ୍ତେ ବିଧାୟକ ଜଗଦ୍ଦେବ, ଅଧ୍ୟକ୍ଷା ବାରିକ ଓ ଜିଲା ପରିଷଦ ସଭ୍ୟ ସୁମନ୍ତ ପଟ୍ଟନାୟକ ଗୁରୁତ୍ୱ ଦେଇଥିଲେ। କରୋନାରେ ମା'ବାପାଙ୍କୁ ହରାଇଥିବା ପିଲାମାନଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହାୟତା କିଭଳି ଖୁବ୍‌ଶୀଘ୍ର ପ୍ରଦାନ କରାଯିବ ସେ ନେଇ ଶିଶୁ ମଙ୍ଗଳ ଅଧିକାରୀ ଆଲୋକପାତ କରିଥିଲେ। ୨୬୦ କୋଟି ଟଙ୍କାର ମଞ୍ଜୁର ହୋଇଥିବା ମେଗା ପାନୀୟଜଳ ଯୋଜନା କାର୍ଯ୍ୟାରମ୍ଭ ହୋଇଥିବାରୁ ପଞ୍ଚାୟତ ସମିତି ପକ୍ଷରୁ ଅଧ୍ୟକ୍ଷା ବିଧାୟକଙ୍କୁ କୃତଜ୍ଞତା ଜଣାଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ଉନ୍ନୟନ ଅଧିକାରୀ ସୁଷମା ବାରିକ, ଏ.ଇ. ଭାରତୀ ସିଂ, ଜିଲାପରିଷଦ ସଭ୍ୟ ଦିଲୀପ ମହାନ୍ତି, ସର୍ବେଶ୍ୱର ପ୍ରଧାନ, ସରପଞ୍ଚ, ସମିତି ସଭ୍ୟା ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମ ପଞ୍ଚାୟତର ସମ୍ପ୍ରସାରଣ ଅଧିକାରୀ ଧନ୍ୟବାଦ ଦେଇଥିଲେ।

# ଦୋକାନ ଗୃହ ବଣ୍ଟନରେ ଅନିୟମିତତା ଅଭିଯୋଗ

ଜଟଣୀ,୨୫।୬(ଡି.ଏନ୍.ଏ.)

ଜଟଣୀ ପୌରପରିଷଦ ପକ୍ଷରୁ ଦୋକାନ ଗୃହ ବଣ୍ଟନରେ ଅନିୟମିତତା ହେଉଥିବା ନେଇ ଅଭିଯୋଗ ଉଠିଛି। ଏନେଇ ବ୍ୟବସାୟୀ ଅଜନ ମହାପାତ୍ର, ବିଶ୍ୱନାଥ ଦାସ, ଦିଲୀପ ସାହୁ, ଧ୍ରୁବଚରଣ ବିଶ୍ୱାଳ ପ୍ରମୁଖ ନ୍ୟାୟ ପାଇବା ପାଇଁ ନଗର ଉନ୍ନୟନ ମନ୍ତ୍ରୀ, ୫-ଟି ସଚିବଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାଥାଉ କି, ଜଟଣୀ ପୌରାଞ୍ଚଳ ଅଧୀନ ୧୨ନଂ. ୱାର୍ଡଠାରେ ଥିବା ମସଜିଦ୍ ଛକରେ ୩୦ବର୍ଷରୁ ଅଧିକ ସମୟ ଧରି ୫ଜଣ ବ୍ୟବସାୟୀ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲେ। ପୌରପରିଷଦ ଅଧୀନରେ ଥିବା ଉକ୍ତ ସ୍ଥାନରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ୧୯୮୫ରେ ଶୁଭ ଦିଆଯାଇଥିଲା। ଉକ୍ତ ସ୍ଥାନରୁ ଜବରଦଖଲ ଉଚ୍ଛେଦ ପାଇଁ ୨୦୦୦ରେ ପୌରପାଳିକା ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ଉକ୍ତ ସ୍ଥାନରୁ ୫ଜଣଙ୍କ ଦୋକାନ ଉଚ୍ଛେଦ ହୋଇଥିଲା। ୨୦୦୫ରେ ୬ଟି ଦୋକାନ ଗୃହ ନିର୍ମାଣ କରାଯାଇ ମାର୍କେଟ କମ୍ପ୍ଲେକ୍ସ କରାଯାଇଥିଲା। ଉଚ୍ଛେଦ ହୋଇଥିବା ୫ ବ୍ୟବସାୟୀଙ୍କୁ ଦୋକାନ ଘର ପ୍ରଥମେ ଆବଣ୍ଟନ କରିବା ନିମନ୍ତେ ପ୍ରତିଶ୍ରୁତି ମିଳିଥିଲା। ମାତ୍ର ଏକକାଳୀନ ୨୫,୦୦୦ ଏବଂ ମାସିକ ୩୦୦ଟଙ୍କା ଭଡା ଦେବାକୁ ପଡିବ ବୋଲି କୁହାଯାଇଥିଲା। ପରବର୍ତ୍ତୀ ସମୟରେ ପୌରପ୍ରଶାସନ ଲଟେରି ମାଧ୍ୟମରେ ଦୋକାନ ଗୃହ ବଣ୍ଟନ କରିବ ବୋଲି ଅଗଷ୍ଟ ୨୦୧୧ରେ ବିଜ୍ଞାପନ ପ୍ରକାଶ କରିଥିଲା। ଘର ପାଇବା ପାଇଁ ୧୧୭ଜଣ ଆବେଦନ କରିଥିଲେ। ଉଚ୍ଛେଦ ହୋଇଥିବା ୫ଜଣ ଆବେଦନକାରୀ ଜୀବିକା ହରାଇବା ଭୟରେ ୨୦୧୧ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଟଣୀ ପୌରପରିଷଦ ବିରୋଧରେ ଡବ୍ଲୁ.ପି(ସି)ନଂ. ୨୧୩୧୧/୨୦୧୧ରେ ମାମଲା ଦାଏର ହୋଇଥିଲା। କୋର୍ଟ ବାରମ୍ବାର ପୌରପ୍ରଶାସନକୁ ଲିଖିତ ଜବାବ ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ ମାତ୍ର ଜଟଣୀ ପୌରପରିଷଦ ପକ୍ଷରୁ କୌଣସି ଉତ୍ତର ଦିଆଯାଇ ନ ଥିବା ଆବେଦନକାରୀ କହିଛନ୍ତି। ଏଭଳି ସ୍ଥିତିରେ ପୌରକାର୍ଯ୍ୟନିର୍ବାହୀ ଅଧିକାରୀ କେଉଁ ଆଇନ ବଳରେ ୬ ଦୋକାନ ଘର ମଧ୍ୟରୁ ଗୋଟିଏ ଘରକୁ ଜଣେ ବ୍ୟବସାୟୀଙ୍କୁ ପ୍ରଦାନ କରିଛନ୍ତି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଅନ୍ୟପଟେ ଏନେଇ ପୌରକାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି କହିଛନ୍ତି, ଦୀର୍ଘବର୍ଷ ଧରି ୧୭୦୦ବର୍ଗଫୁଟ ସ୍ଥାନରେ ଟିଣଘର କରି ବ୍ୟବସାୟ କରୁଥିବାରୁ ଉଚ୍ଛେଦ କରାଯାଇଥିଲା। ଥଇଥାନ ଆଇନ ମୁତାବକ ବ୍ୟବସାୟ କରିବା ପାଇଁ ସାମୟିକ ଭାବେ ଦୋକାନ ଘର ଦିଆଯାଇଛି। କ୍ୟାବିନ ପକାଇ ବ୍ୟବସାୟ କରୁଥିବା ଦୋକାନୀଙ୍କୁ ଦୋକାନ ଘର ଦେବାର ବ୍ୟବସ୍ଥା ନାହିଁ ବୋଲି ସେ କହିଛନ୍ତି।



ନିର୍ମାଣ ହୋଇଥିବା ମାର୍କେଟ କମ୍ପ୍ଲେକ୍ସ।

### ଟିକାକରଣ କାର୍ଯ୍ୟକ୍ରମକୁ ପ୍ରାଥମିକତା

ପିପିଲି,(ସ୍ୱ.ପ୍ର.)- ପିପିଲି ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଶୁକ୍ରବାର ବ୍ଲକ ଅଧକ୍ଷା କଳ୍ପନା ସାମନ୍ତରାୟଙ୍କ ଅଧକ୍ଷତାରେ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକକୁ ବିଡିଓ ରଶ୍ମିତା ନାଥ ପରିଚାଳନା କରିଥିଲେ। ଟିକାକରଣ କାର୍ଯ୍ୟକ୍ରମକୁ ପ୍ରାଥମିକତା ଦିଆଯାଇଥିଲା। ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ କୋଭିଡ୍ ନିୟମ ଓ ସଚେତନତା ଉପରେ ଆଲୋଚନା କରାଯାଇଥିଲା। ବ୍ଲକ ଓ ଏନ୍ଏସିର ବିଭିନ୍ନ ସ୍ଥାନରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଟିକାକରଣ ନେଇ ସ୍ୱାସ୍ଥ୍ୟକର୍ମୀମାନେ ମତ ରଖିଥିଲେ। ରାଶନ କାର୍ଡ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ତାଲିକାଭୁକ୍ତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଥିଲା। ବୈଠକରେ ବ୍ଲକ ଉପାଧକ୍ଷ ଯୁଧିଷ୍ଠିର ସ୍ୱାଇଁଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ, ସରପଞ୍ଚ, ସମିତି ସଭ୍ୟା ସଭ୍ୟ ଉପସ୍ଥିତ ଥିଲେ।



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୨୫।୦୬।୨୦୨୧

୧୮୭୮ଟଙ୍କା

# ପୁରୀ ଜିଲା: ପାସ୍ ହାର ୯୮.୫୩%

ପୁରୀ ଅଫିସ,୨୫।୬:

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ପୁରୀ ଜିଲାର ୯୮.୫୩ %ପିଲା ଉତ୍ତୀର୍ଣ୍ଣ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଏ-ୱାନ୍ ଗ୍ରେଡ୍‌ରେ ୧୪୫, ଏ -ଟୁ ଗ୍ରେଡ୍‌ରେ ୧୨୬୬, ବି-ଗ୍ରେଡ୍‌ରେ ୩୪୬୬, ସି-ଗ୍ରେଡ୍‌ରେ ୫୦୦୯, ଡି-ଗ୍ରେଡ୍‌ରେ ୪୬୫୪,ଡି-ୱାନ୍ ଗ୍ରେଡ୍‌ରେ ୨୭୫୫, ଡି-ଟୁ ଗ୍ରେଡ୍‌ରେ ୪୧୯୭, ଏଫ୍ ଗ୍ରେଡ୍‌ରେ ୨୩୦ ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ସେହିଭଳି ୯୧ ଜଣ ପରୀକ୍ଷାରେ ଅନୁପସ୍ଥିତ ଥିବା କାରଣରୁ ଫେଲ୍ ହୋଇଛନ୍ତି। ଅନ୍ୟପକ୍ଷରେ ପରୀକ୍ଷା ଦେଇଥିବା ସବୁ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। କେବଳ ପ୍ରାକ୍ଟିସ୍ ଟେଷ୍ଟ ଓ ନବମ ବାର୍ଷିକ ପରୀକ୍ଷା ଦେଇ ନ ଥିବା ପିଲାଙ୍କ ଫଳାଫଳ ପ୍ରକାଶ ପାଇନାହିଁ। ତେବେ ପରୀକ୍ଷାଫଳ ପ୍ରକାଶ ପରେ ଅଧିକାଂଶ ଛାତ୍ରୀଛାତ୍ର ଉତ୍ସାହିତ ଥିବା ଦେଖିବାକୁ ମିଳିଛି। ପୁରୀ ଜିଲାର ମୋଟ ୩୫୭ ସ୍କୁଲ୍‌ର ୨୧ ହଜାର ୮୧୩ ଜଣ ପିଲା ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ମୂଲ୍ୟାଙ୍କନରେ ସାମିଲ ହୋଇଥିଲେ। ଏମାନଙ୍କ ମଧ୍ୟରୁ ୨୧ ହଜାର ୪୯୨ ଜଣ ପାସ୍ କରିଛନ୍ତି। ଏମାନଙ୍କ ମଧ୍ୟରେ ୧୦ ହଜାର ୯୨୯ ଛାତ୍ର ଓ ୧୦ ହଜାର ୫୬୩ ଛାତ୍ରୀ ରହିଛନ୍ତି। ପୂର୍ବ ପରୀକ୍ଷା ମୂଲ୍ୟାଙ୍କନକୁ ଆଧାର କରି ମୂଲ୍ୟାଙ୍କନ ହୋଇଥିବାରୁ ପିଲାମାନଙ୍କୁ ଅପେକ୍ଷାକୃତ ଭାବେ ଭଲ ମାର୍କ ମିଳିଛି। ତେବେ ଜିଲାରେ ସବୁଠୁ ଭଲ ପ୍ରଦର୍ଶନ କରିଥିବା ଛାତ୍ରୀ କିମ୍ବା ଛାତ୍ରଙ୍କୁ ଏପର୍ଯ୍ୟନ୍ତ ଚିହ୍ନଟ କରାଯାଇପାରିନାହିଁ। ଜିଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ କହିଛନ୍ତି, ମୁଖ୍ୟତଃ ବ୍ଲକସ୍ତରର ବିଦ୍ୟାଳୟଗୁଡ଼ିକରୁ ପରୀକ୍ଷାଫଳ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିପାରିନାହିଁ। ତେଣୁ କିଏ ଶ୍ରେଷ୍ଠ ପ୍ରଦର୍ଶନ କରିଛି ତାହା ଜଣାପଡ଼ିନାହିଁ। ଅନ୍ୟପକ୍ଷରେ ବର୍ତ୍ତମାନ ସୁଦ୍ଧା ଜିଲାରେ ଅଧିକ ନମ୍ବର ରଖିଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅଙ୍କିତ ଅଞ୍ଜନୟ ସାମନ୍ତରାୟ(୫୬୫),



**ମିଳିଛି ସଫଳତା:** ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀମାନେ ଖୁସି ମନାଉଛନ୍ତି।

### ୧୪୫ ଜଣଙ୍କୁ ଏ ୱାନ୍ ଗ୍ରେଡ୍

ଅଙ୍କିତା ପ୍ରିୟଦର୍ଶିନୀ ବଳ(୫୬୩), ରୁଦ୍ରନାରାୟଣ(୫୬୧), ପ୍ରୀତିପର୍ଣ୍ଣା ଉପାଧ୍ୟାୟ(୫୬୦), ପ୍ରିୟାଂଶୁ ଜେନା (୫୫୭) ଏବଂ ଆର୍ଯ୍ୟମାନ କର(୫୫୬) ରହିଛନ୍ତି। ତେବେ ବ୍ଲକୱାରୀ ସ୍କୁଲର ତାଲିକା ଆସିବା ପରେ ସବୁଠାରୁ ଅଧିକ ନମ୍ବର ରଖିଥିବା ପିଲାଙ୍କ ଚୟନ ହୋଇ ପାରିବ। ଅନ୍ୟପକ୍ଷରେ ଅବସରପ୍ରାପ୍ତ ଶିକ୍ଷକ ବିଷ୍ଣୁପ୍ରସାଦ ମହାପାତ୍ର କହିଛନ୍ତି, ପିଲାଙ୍କୁ ପଢ଼ାଇବାବେଳେ ସେମାନଙ୍କ ଦକ୍ଷତା କେତେ ତାହା ଭଲ ଭାବେ ଜାଣିଥାଉ। ଚଳିତବର୍ଷ ପରୀକ୍ଷା ବ୍ୟବସ୍ଥା ଅନୁଯାୟୀ କମ୍ ନମ୍ବର ରଖିଥିବା ପିଲା ମଧ୍ୟ ୬୦ ପ୍ରତିଶତରୁ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହେଲେ। ଭଲ ଓ ମନ୍ଦ ଭିତରେ କିଛି ପ୍ରଭେଦ ରହିଲା ନାହିଁ। ଏଭଳି ଅସ୍ଥାୟୀ ସୁଖ ଛାତ୍ରୀଛାତ୍ରଙ୍କ କ୍ୟାରିୟର ଉପରେ ପ୍ରଭାବ ପକାଇବ। ଭଲ ମାର୍କ ରଖିବା ପାଇଁ ଯେଉଁ ପରିଶ୍ରମ ଆବଶ୍ୟକ ଥିଲା ତାହା ନ କରି ଛାତ୍ରୀଛାତ୍ରଙ୍କୁ ବୋନସ୍ ଦେଲା ଭଳି ମାର୍କ ଦିଆଯାଇଛି। ଜଣେ ଶିକ୍ଷକ ଭାବେ ମୋତେ ଏଭଳି ବ୍ୟବସ୍ଥା ଲଜ୍ଜିତ କରୁଛି।



ଘୋଷଯାତ୍ରାରେ ରଥ ଟଣା ନେଇ ଶୁକ୍ରବାର ପୁରୀ ପୋଲିସ ପକ୍ଷରୁ ପୋଲିସ ଲାଇନ୍ ପଡ଼ିଆରେ ମକ୍‌ଡ୍ରିଲ୍ କରାଯାଉଛି।

## ୧୪ ଔଷଧ ଦୋକାନରେ ଚଢ଼ାଉ ୭ ସାମ୍ପୁଲ ଜବତ

ଗୋପ,୨୫।୬(ଡି.ଏନ୍.ଏ.)

ଗୋପ ବ୍ଲକ ଅଞ୍ଚଳରେ ବେଆଇନ ଭାବେ ଶତାଧିକ ଔଷଧ ଦୋକାନ ଚାଲିଛି। ଏହି ଦୋକାନୀମାନେ ନିମ୍ନମାନର ଔଷଧ ଆଣି ଗ୍ରାମାଞ୍ଚଳ ଲୋକଙ୍କୁ ଅଧିକ ଅର୍ଥ ନେଇ ଠକିବା ଓ ଗୋଟିଏ ଲାଇସେନ୍ସରେ ଏକାଧିକ ଔଷଧ ଦୋକାନ ଖୋଲାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ଏ ନେଇ ଶୁକ୍ରବାର ଜିଲା ଡ୍ରଗ୍ସ ଇନ୍ସପେକ୍ଟର ସତ୍ୟବ୍ରତ ଗିରି ଗୋପ ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ୧୪ଔଷଧ ଦୋକାନ ଉପରେ ଚଢ଼ାଉ କରିଛନ୍ତି। ଏଥିସହ ବିଭିନ୍ନ ଦୋକାନରୁ ୭ଟି ଔଷଧ ସାମ୍ପୁଲ ଜବତ କରିଛନ୍ତି। ପ୍ରକାଶ ଯେ ଏହି ବ୍ଲକ ଅଞ୍ଚଳ ଗୋପ, ନାଗପୁର, ଗଣେଶ୍ୱରପୁର, ସୁବର୍ଣ୍ଣପୁର, ପଲ୍ଲୀଛକ, ବେଗୁନିଆ, କୋଣାର୍କ, ନୂଆହାଟ ସହ ଆଉ କେତେକ ସ୍ଥାନରେ ବିନା ଲାଇସେନ୍ସରେ ଅଧିକାଂଶ ଔଷଧ ଦୋକାନ ଖୋଲିଥିବା ବେଳେ ସରକାରୀ ନୀତି ନିୟମକୁ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ଜିଲା ଡ୍ରଗ୍ସ ଇନ୍ସପେକ୍ଟର ଗିରି ମଧ୍ୟାହ୍ନରେ ନାଗପୁରରେ ୨ଟି, ନୂଆହାଟରେ ୨, ଗୋପରେ ୩, ବେଗୁନିଆରେ ୨, ପଲ୍ଲିଛକରେ ୧ ସମେତ ପ୍ରାୟ ୧୪ଟି ଔଷଧ ଦୋକାନରେ ଚଢାଉ କରି ସାମ୍ପୁଲ ଜବତ କରିଥିଲେ।

## ସଂକ୍ଷେପରେ

### ନିଖୋଜ ଯୁବକଙ୍କ ମୃତଦେହ ଜବତ

#### ସ୍ତ୍ରୀ ଆଣିଲେ ହତ୍ୟା ଅଭିଯୋଗ

ବ୍ରହ୍ମଗିରି,୨୫।୬(ଡି.ଏନ୍.ଏ.)- ବ୍ରହ୍ମଗିରି ଥାନା ଅନ୍ତର୍ଗତ ଚାପମାଣିକ ଗ୍ରାମ ଜଙ୍ଗଲରୁ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଏହି ଗ୍ରାମର ସତ୍ୟ ନାରାୟଣ ପଲାଇ.(୩୦)। ସେ କିଛିଦିନ ହେବ ନିଖୋଜ ଥିଲେ। ତାଙ୍କ ମୃତଦେହ ଜବତ କରାଯିବା ପରେ ନାରାୟଣଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ନାରାୟଣ ୧୦ ମାସ ତଳେ ବିବାହ କରିଥିଲେ। ପରେ ତାଙ୍କ ଶ୍ୱଶୁରଘରକୁ ଜ୍ୱାଇଁ ଡାକରାରେ ଯାଇ ୧୦ଦିନ ତଳେ ନିଜ ଗାଁକୁ ଫେରିଥିଲେ। ପରେ ବୁଧବାର ଘରୁ କେଉଁଆଡ଼େ ଯାଇ ଆଉ ଫେରି ନ ଥିଲେ। ଏ ନେଇ ନାରାୟଣଙ୍କ ପରିବାର ଲୋକେ ବ୍ରହ୍ମଗିରି ଥାନାରେ ନିଖୋଜ ଥିବା ନେଇ ଅଭିଯୋଗ କରିଥିଲେ। କିନ୍ତୁ ଶୁକ୍ରବାର ନାରାୟଣଙ୍କ ମୃତଦେହ ଗ୍ରାମ ନିକଟସ୍ଥ ଏକ ନଦୀକୂଳରେ ପଡିଥିବାର ଗ୍ରାମ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଏହି ସମୟରେ ନାରାୟଣଙ୍କ ସ୍ତ୍ରୀ ସୁଜାତା ବାପଘରେ ରହୁଥିଲେ। ସ୍ୱାମୀଙ୍କ ଏଭଳି ମୃତ୍ୟୁକୁ ସନ୍ଦେହ କରି ତାଙ୍କୁ କେହି ହତ୍ୟା କରିଥିବା ନେଇ ଅଭିଯୋଗ କରିଛନ୍ତି। ରିପୋର୍ଟ ଲେଖାଯିବା ସମୟରେ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।

### ବିଶିଷ୍ଟ ଆଇନଜୀବୀଙ୍କ ପରଲୋକ

ବ୍ରହ୍ମଗିରି, ୨୫।୬(ଡି.ଏନ୍.ଏ.)- ବ୍ରହ୍ମଗିରି ଅଞ୍ଚଳର ବିଶିଷ୍ଟ ଆଇନଜୀବୀ ସତ୍ୟପ୍ରିୟ ପାତ୍ରଙ୍କ ବୁଧବାର ପରଲୋକ ଘଟିଛି। ସ୍ୱର୍ଗତ ପାତ୍ର ହୃଦ୍‌ଘାତରେ ପୀଡ଼ିତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ବୁଧବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଭାଇ, ପୁଅ ଉପସ୍ଥିତ ଥିଲେ। ସତ୍ୟପ୍ରିୟ ବ୍ରହ୍ମଗିରି ଅଞ୍ଚଳରେ ଜଣେ ସୁପରିଚିତ ଆଇନଜୀବୀ, ସାମାଜିକ କର୍ମୀ ଓ ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ପାତ୍ରଙ୍କ ମରଶରୀରକୁ ବ୍ରହ୍ମଗିରି ଗ୍ରାମ୍ୟ ନ୍ୟାୟାଳୟ ଓ ତହସିଲ କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯିବା ପରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

### ସଡ଼କ ଦୁର୍ଘଟଣାରେ ୨ ଗୁରୁତର

ପୁରୀ ଅଫିସ, ୨୫।୬- ସଡ଼କ ଦୁର୍ଘଟଣାରେ ଦୁଇଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ପୁରୀ କାଳିକାଦେବୀ ସାହିର ଦିଲୀପ କୁମାର ଦାଶ(୨୬) ଓ ବାଲିସାହି ଶ୍ୟାମାକାଳି ଲେନ୍‌ର ରାଧେଶ୍ୟାମ ବେଜ(୨୭)। ସୂଚନା ଅନୁସାରେ ଦିଲୀପ ଓ ରାଧେ ଏକ ବାଇକ ଯୋଗେ ଭୁବନେଶ୍ୱରରୁ ପୁରୀ ଆସୁଥିବାବେଳେ ମାଳତିପାଟପୁର ବସଷ୍ଟାଣ୍ଡ ନିକଟରେ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପରେ ଉଭୟଙ୍କୁ ଅଧିକ ଚିକିତ୍ସା ଲାଗି ଭୁବନେଶ୍ୱର ପଠାଯାଇଛି।

### ମଙ୍ଗଳା ମନ୍ଦିରରେ ପତିତପାବନଙ୍କ ନୀତି ବିଳମ୍ବ

କାକଟପୁର,୨୫।୬(ଡି.ଏନ୍.ଏ.)-ସ୍ନାନ ପୂର୍ଣ୍ଣିମାରେ କାକଟପୁରସ୍ଥିତ ମା' ମଙ୍ଗଳାଙ୍କ ମନ୍ଦିର ବେଢ଼ାରେ ପୂଜା ପାଉଥିବା ମହାପ୍ରଭୁ ପତିତପାବନଙ୍କ ନୀତିରେ ବିଭ୍ରାଟ ଘଟିଛି। ସ୍ନାନମଣ୍ଡପରେ ୧୦୮ ଗରା ସୁବାସିତ ଜଳରେ ପତିତପାବନଙ୍କ ସ୍ନାନ କରାଯାଇଥିଲା। ମାତ୍ର ଅନ୍ୟ ନୀତିକାନ୍ତି ପାଇଁ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା ଓ ପ୍ରସ୍ତୁତି କରାଯାଇ ନ ଥିବା ଦେଖିବାକୁ ମିଳିଥିଲା। ଫଳରେ ପ୍ରଭୁ ଅଣସର ଘରକୁ ଯାଇ ନ ଥିଲେ। ଠାକୁରଙ୍କ ପହଣ୍ଡି ନୀତିରେ ପ୍ରାୟ ୫ ଘଣ୍ଟା ବିଳମ୍ବ ହୋଇଥିଲା। ସେବାୟତମାନେ ଏହାର ପ୍ରତିବାଦ କରି ଗୁରୁବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଧାରଣାରେ ବସିଥିଲେ। ତହସିଲଦାର ବିରଞ୍ଚି ନାରାୟଣ ବେହେରା ପହଞ୍ଚି ସେବାୟତଙ୍କ ସହ ଆଲୋଚନା କରିବା ପରେ ଧାରଣା ହଟିଥିଲା। ଏହାପରେ ପ୍ରଭୁଙ୍କୁ ଅଣସର ଘରକୁ ବିଜେ କରାଯାଇଥିଲା।

## ରଥଖଳାରୁ

### ଦ୍ୱିତୀୟ, ତୃତୀୟ ପରସ୍ତ ପୋଟଳ କାମ ଶେଷ

ପୁରୀ ଅଫିସ, ୨୫।୬:

ରଥଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଦ୍ୱିତୀୟ ଓ ତୃତୀୟ ପରସ୍ତ ପୋଟଳ ନିର୍ମାଣ କାର୍ଯ୍ୟ ସରିଛି। ତିନିରଥ ଭୂଇଁଗୁଡ଼ିକର ପାଖୁଡ଼ାରେ ନାହାକା ସେଟିଂ ହେବା ସହ ଚାରିନାହାକା ଓ ପ୍ରଥମ ଭୂଇଁରେ କଇଁଚି ଫିଟିଂ ହୋଇଛି। ଏହି କଇଁଚି ଚାରିନାହାକା ଭିତର ଦୁଇ ପାର୍ଶ୍ୱ ଚାରିନାହାକା ମୂଳରୁ ଗରଗରା ସହିତ କ୍ରସ୍ ପରି ଫିଟିଂ କରାଯାଇଛି। ସେହିପରି ପ୍ରଥମ ଭୂଇଁ ଚାରିକାଠ ଉଭୟ ପାର୍ଶ୍ୱରେ କଇଁଚି ଫିଟିଂ ହୋଇଛି। ତିନିରଥ ବେଦି ତିନି ପାର୍ଶ୍ୱରେ ତାଗ ବା ବଟନ ବାଡ଼ିଆ ସରିଥିବା ବେଳେ ଶୁକ୍ରବାର ତିନି ପାର୍ଶ୍ୱ ତାଗରେ ପାରୁସ ପଟା ବାଡ଼ିଆ କାର୍ଯ୍ୟ ଚାଲିଛି। ରଥ ସଂଯୋଗ ସ୍ଥାନ ଯଥା ଦଣ୍ଡା ସହ କୋଣଗୁଜରେ ଲୁହା ଏଲ୍ ପ୍ଲେଟ ଫିଟିଂ କରାଯାଇଛି। ଅରଗୁଡ଼ିକରେ ଲୁହାକ୍ଲାମ୍ପ ଫିଟିଂ ହୋଇ ଦଣ୍ଡା, ଜଳନ୍ତ୍ର, ନିରାଡ଼ିରେ ଦଣ୍ଡା ମୁହାଁଟ ସହ ଲୁହା ଏଲ ପ୍ଲେଟ ଓ ନଟ୍ ଫିଟିଂ ହୋଇଛି। ତିନି ରଥର ୪ଟି ଲେଖାଏ ଧ୍ୱଜ ବତା ଓ କଳସ ପେଣ୍ଡି ନିର୍ମାଣ ସରିଛି। ନନ୍ଦିଘୋଷ ରଥ ସିଂହାସନରେ କୁମ୍ଭଡାଳି ଲତା ଖୋଦେଇ କାମ ଚାଲିଛି। ୧୬ଟି ଲେଖାଏ ପାରାଭାଡ଼ି କବାଟି ନିର୍ମାଣ ସରିଛି।



କନକ ମୁଣ୍ଡି ପାଇଁ କଳସ ତିଆରି ଚାଲିଛି।

## ଆଶା, ନିରାଶାରେ ମାଟ୍ରିକ ଫଳାଫଳ

**ଚଳିତବର୍ଷ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ମାଟ୍ରିକ ପରୀକ୍ଷା ବାତିଲ କରାଯାଇଥିଲା। ଫଳରେ ନବମ ଶ୍ରେଣୀ ଓ ଦଶମ ଶ୍ରେଣୀ ଟେଷ୍ଟ ପରୀକ୍ଷାର ଫଳାଫଳକୁ ନେଇ ଏଥର ମାଟ୍ରିକ ପରୀକ୍ଷା ମୂଲ୍ୟାୟନ କରାଯାଇଥିଲା। ଶୁକ୍ରବାର ଫଳାଫଳ ପ୍ରକାଶ ପାଇଛି। ଏହାକୁ ନେଇ କେତେଜଣ ଛାତ୍ରୀଛାତ୍ର ଓ ଶିକ୍ଷାବିତ ନିଜ ପ୍ରତିକ୍ରିୟା ରଖିଛନ୍ତି।**

### ନିଜ ମାର୍କରେ ସନ୍ତୁଷ୍ଟ ନୁହେଁ



ମୋତେ ମିଳିଥିବା ମାର୍କରେ ମୁଁ ସନ୍ତୁଷ୍ଟ ନୁହେଁ। ୩ ପ୍ରତିଶତ କମ୍ ନମ୍ବର ମିଳିଛି। ପରୀକ୍ଷା ଦେଇଥିଲେ ଅଧିକ ନମ୍ବର ରଖିପାରିଥାନ୍ତି ବୋଲି ଭାବୁଛି।

**-ପ୍ରିୟାଂଶୁ ଜେନା, ଛାତ୍ର, ପୁରୀ ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର।**

### ସନ୍ତୋଷଜନକ ଫଳ ମିଳିଛି



ଯେତିକି ମାର୍କ ଆଶା କରିଥିଲି ସେତିକି ମିଳିଛି। ଏଥିଲାଗି ମୋ' ଶିକ୍ଷକମାନଙ୍କୁ ଶ୍ରେୟ ଦେବି। ତେବେ ପରୀକ୍ଷା ହଲ୍‌କୁ ଯିବାର ଇଚ୍ଛା ଥିଲା। ମାତ୍ର କରୋନା ଭୟାବହତା ଦୃଷ୍ଟିରୁ ସରକାର ଏଭଳି ପରୀକ୍ଷା ବ୍ୟବସ୍ଥା ଲାଗି ନିଷ୍ପତ୍ତି ନେଲେ। ଏହାକୁ ସ୍ୱାଗତ କରୁଛି।

**-ଶୁଭଶ୍ରୀ କର, ବିଶ୍ୱମ୍ଭର ବିଦ୍ୟାପୀଠ, ପୁରୀ**

### ହାସ୍ୟାସ୍ପଦ ବ୍ୟବସ୍ଥା, ପିଲାଙ୍କୁ ଶ୍ରମକାତର କଲା



ଏହି ପରୀକ୍ଷା ବ୍ୟବସ୍ଥା ଓ ଫଳ ହାସ୍ୟାସ୍ପଦ। ପିଲାଙ୍କ ମନରେ ପରୀକ୍ଷାକୁ ନେଇ ଏକ ଭୁଲ ଧାରଣା ସୃଷ୍ଟି ହେଲା। ଏହି ବ୍ୟବସ୍ଥା ପରୀକ୍ଷାର ଗୁରୁତ୍ୱକୁ କମାଇଛି। ଶିକ୍ଷକମାନେ କେତେ ସ୍ୱଚ୍ଛତା ଅବଲମ୍ବନ କରିଛନ୍ତି ତାହା ମଧ୍ୟ ସନ୍ଦେହ ଘେରରେ। ଧୁଆ ମୂଳା ଓ ଅଧୁଆ ମୂଳା ସମାନ ଭାବରେ ପରିଗଣିତ ହେଲେ। କୋଭିଡ୍ ଗାଇଡଲାଇନ୍‌ରେ ସବୁ କାର୍ଯ୍ୟ ହେଲା, ମାତ୍ର ସରକାର ବୋର୍ଡ ପରୀକ୍ଷା କରାଇ ପାରିଲେ ନାହିଁ। ଏସବୁ ଜଣେ ଶିକ୍ଷକ ଭାବେ ମନରେ କ୍ଷୋଭ ସୃଷ୍ଟି କରିଛି। ପିଲାମାନେ ଶ୍ରମଭୀରୁ ଓ ଶ୍ରମକାତର ହୋଇପଡ଼ିବେ। ଯେଉଁ ବିଜ୍ଞ ବ୍ୟକ୍ତିମାନେ ଏଭଳି ମୂଲ୍ୟାଙ୍କନ କଲେ ସେମାନେ ସୁସ୍ଥ ମସ୍ତିଷ୍କରେ ଚିନ୍ତା କରିବାର ଆବଶ୍ୟକତା ଥିଲା। ପରୀକ୍ଷା ସବୁବେଳେ ଛାତ୍ର ଜୀବନରେ ପ୍ରମୁଖ ଭୂମିକା ଗ୍ରହଣ କରେ, ମାତ୍ର ଏବେ ଏହି ଉକ୍ତ ଭୁଲ ପ୍ରମାଣିତ ହୋଇଛି।

**-ସଦାଶିବ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ, କୃଷକ ବିଦ୍ୟାପୀଠ, ସୁନାମୁହିଁ, ପୁରୀ।**

### ଏଭଳି ଫଳାଫଳର କୌଣସି ମୂଲ୍ୟ ନାହିଁ



ପରୀକ୍ଷା ଫଳକୁ ନେଇ ଅନୁଭୂତି ଭଲ ନୁହେଁ। ପ୍ରିବୋର୍ଡ ପରୀକ୍ଷା ଭଳି ମାଟ୍ରିକ୍ ପରୀକ୍ଷା କରାଯାଇପାରିଥାଆନ୍ତା। ମାତ୍ର ସରକାର ସେଭଳି କରିନାହାନ୍ତି। ପିଲାଙ୍କ ପ୍ରଦର୍ଶନ ମାପିବା ସମ୍ଭବ ହେଲାନାହିଁ। ଏଭଳି ମାର୍କର କୌଣସି ମୂଲ୍ୟ ନାହିଁ। ପରୀକ୍ଷାର ମୂଳ ଅର୍ଥ ହିଁ ଦକ୍ଷତାକୁ ପରଖିବା। ମୂଳ ଅର୍ଥ ବଦଳିଯିବା ପରେ ଏଭଳି ମୂଲ୍ୟାଙ୍କନକୁ ଠିକ୍ ବୋଲି କହିବା ମୋ' ପକ୍ଷେ ସମ୍ଭବପର ନୁହେଁ। ସେହିଭଳି ଆସନ୍ତା ବର୍ଷର ଛାତ୍ରୀଛାତ୍ରମାନେ ମଧ୍ୟ ଏଭଳି ମୂଲ୍ୟାଙ୍କନ ଆଶାରେ ପାଠପଢ଼ାରେ ଧ୍ୟାନ ଦେବେ ନାହିଁ।

**-ପ୍ରଭାସ ଚନ୍ଦ୍ର ମିଶ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଦାଣ୍ଡମୁକୁନ୍ଦପୁର, ପୁରୀ।**

## ସତ୍ୟବାଦୀର ୬ ବିଦ୍ୟାଳୟ ହେବ ୫-ଟି ବିଦ୍ୟାଳୟ

ସାକ୍ଷୀଗୋପାଳ,୨୫।୬(ଡି.ଏନ୍.ଏ.)

ପୁରୀ ଜିଲା ସତ୍ୟବାଦୀ ବ୍ଲକର ୬ ଉଚ୍ଚ ବିଦ୍ୟାଳୟକୁ ୫-ଟି ବିଦ୍ୟାଳୟରେ ପରିବର୍ତ୍ତନ କରିବା ନିମନ୍ତେ ଏକ ଉନ୍ନୟନ କମିଟି ଶୁକ୍ରବାର ବିଦ୍ୟାଳୟଗୁଡ଼ିକୁ ଗସ୍ତକରି ଭିତ୍ତିଭୂମି ଅନୁଧ୍ୟାନ କରିଛନ୍ତି। ପୁରୀ ଜିଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶକ୍ରମେ ଗୋପବନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାଳୟ ବିଦ୍ୟାଧରପୁର, ଜୟଦୁର୍ଗା ହାଇସ୍କୁଲ ଗବକୁଣ୍ଡ, ରାୟଚକ୍ରଧରପୁର ହାଇସ୍କୁଲ, ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ, ଜାଗେଶ୍ୱରୀ ବିଦ୍ୟାପୀଠ ଅଳଗୁମ ଓ ତୃତୀୟାଦେବ ବିଦ୍ୟାପୀଠ ଶୁକଳ ଆଦି ବିଦ୍ୟାଳୟରେ ୪ଟି ଶ୍ରେଣୀକକ୍ଷକୁ ସ୍ମାର୍ଟ କକ୍ଷରେ ପରିଣତ କରିବା ସହ ତନ୍ମଧ୍ୟରୁ ଗୋଟିଏ ବିଜ୍ଞାନାଗାର, ଗୋଟିଏ ଇ- ଲାଇବ୍ରେରି, ଅନ୍ୟ ଦୁଇଟି କକ୍ଷକୁ ଅତ୍ୟାଧୁନିକ ଡିଜିଟାଲ କକ୍ଷ ଭାବରେ ପ୍ରସ୍ତୁତ କରିବା ନିମନ୍ତେ ସୂଚନା ଦେଇଥିଲେ। ସ୍ପୋର୍ଟସ ବ୍ଲକ, ବ୍ୟାୟାମ ସୁବିଧା ଓ ପ୍ରବେଶ ପଥରୁ ବିଦ୍ୟାଳୟ ଟିକୁ ଆକର୍ଷଣୀୟ କରି ଗଢ଼ି ତୋଳିବା ସମ୍ପର୍କରେ ବିଡ଼ିଓ କ୍ଷୀରୋଦ କୁମାର ବେହେରା ଓ ପଞ୍ଚାୟତ ସମିତି ଅଧକ୍ଷା ସସ୍ମିତା ପ୍ରଧାନଙ୍କ ନେତୃତ୍ୱରେ ଅଧିକାରୀ ଓ ଯନ୍ତ୍ରୀ ମୋ ସ୍କୁଲ ଅଭିଯାନର ସଫଳ ରୂପାୟନ ନେଇ ପ୍ରଧାନ ଶିକ୍ଷକ, ପଞ୍ଚାୟତ ପ୍ରତିନିଧି, ପୁରାତନ ଛାତ୍ର ସଂସଦ, ବିଦ୍ୟାଳୟ ଉନ୍ନୟନ କମିଟି ଓ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କଠାରୁ ମତାମତ ସଂଗ୍ରହ କରିଥିଲେ। ବିଦ୍ୟାଳୟ ପ୍ରବେଶ ଓ ବଗିଚାକୁ ଆକର୍ଷଣୀୟ କରିବା ସହ ସ୍ପୋର୍ଟସ ବ୍ଲକ ନିର୍ମାଣ ନିମନ୍ତେ ସରକାର ଅନୁଦାନ ଯୋଗାଇଦେବେ। ଆଗାମୀ ଜୁଲାଇ ପ୍ରଥମ ସପ୍ତାହରୁ ଉନ୍ନୟନ କାମ ଆରମ୍ଭକରି ଅକ୍ଟୋବର ୨ରେ ଉନ୍ମୋଚନ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ଟିମ୍‌ରେ ବ୍ଲକ ସହକାରୀ ଯନ୍ତ୍ରୀ ଭାସ୍କର ଚନ୍ଦ୍ର ଶତପଥୀ, ଏପିଓ ସନ୍ତୋଷ ନାୟକ, କନିଷ୍ଠ ଯନ୍ତ୍ରୀ କ୍ଷିତୀଶ ମଲ୍ଲିକ ଓ ନିବେଦିତା କାନୁନଗୋ ପ୍ରମୁଖ ସାମିଲ ହୋଇଥିବା ବେଳେ ସ୍ନେହାଶ୍ରୀ ବେହେରା, ପ୍ରଧାନ ଶିକ୍ଷକ ପ୍ରଣବ ମିଶ୍ର ଉପସ୍ଥିତ ରହିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ସହାୟତାରୁ ୨ଶହ ଉଠାଦୋକାନୀ ବଞ୍ଚିତ

ନିମାପଡ଼ା,୨୫।୬(ଡି.ଏନ୍.ଏ.)

କରୋନା ଯୋଗୁ ଲକ୍‌ଡାଉନ, ଶଟ୍‌ଡାଉନ ଜାରି ରହିଥିବାବେଳେ ମଧ୍ୟବିତ୍ତ ଲୋକ ତଥା ଉଠା ଦୋକାନୀମାନେ ଜୀବିକା ପାଇଁ ନାନା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଦୋକାନ ବଜାର ବନ୍ଦ ଯୋଗୁ ବ୍ୟବସାୟ ହରାଇ ଉଠା ଦୋକାନୀମାନେ ଚିନ୍ତାରେ ଥିବାବେଳେ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି। ଏଭଳି ସମୟରେ ସରକାର ଉଠାଦୋକାନୀଙ୍କ ପାଇଁ କିଛି ଆକାରର ସହାୟତା ପ୍ରଦାନ କରିଛନ୍ତି। ହେଲେ ନିମାପଡ଼ା ଅଞ୍ଚଳର ପ୍ରାୟ ୨୦୦ଜଣ ଉଠାଦୋକାନୀ ଏହି ସହାୟତା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ନିମାପଡ଼ା ଏନ୍ଏସି ପକ୍ଷରୁ ଗତ ସୋମବାର ୭୦ଜଣ ରାସ୍ତାପାର୍ଶ୍ୱ ଉଠାଦୋକାନୀଙ୍କୁ ୨ଲକ୍ଷ ୧୦ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ପ୍ରତ୍ୟେକ ଉଠାଦୋକାନୀଙ୍କୁ ୩ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ଦିଆଯାଇଛି। କିନ୍ତୁ କୌଣସି କାରଣବଶତଃ ୨୦୦ ଉଠାଦୋକାନୀଙ୍କୁ ସହାୟତା ଦିଆଯାଇ ନ ଥିବାରୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତେଣୁ ଏହାର ଠିକ ଭାବେ ତଦନ୍ତ କରାଯାଇ ଯଥାଶୀଘ୍ର ସହାୟତା ପ୍ରଦାନ କରାଯାଉ ବୋଲି ବଞ୍ଚିତ ହୋଇଥିବା ଉଠାଦୋକାନୀମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଜୟଶ୍ରୀ ଛକ, ଦୋଳବେଦୀ ଛକ, ପୁରୁଣା ବସଷ୍ଟାଣ୍ଡ, ହାଟ ଛକ, ପାଟପୁର ଛକ ସମେତ ବିଭିନ୍ନ ସ୍ଥାନରେ ପ୍ରାୟ ୨ଶହ ଉଠାଦୋକାନୀ ଦୈନିକ ବ୍ୟବସାୟ କରି ଗୁଜୁରାଣ ମେଣ୍ଟାଉଛନ୍ତି। ହେଲେ କରୋନା ଯୋଗୁ ଜୀବିକା ଯାଇଥିବାବେଳେ ଏବେ ପୁଣି ସହାୟତା ତାଲିକାରେ ନାଁ ନ ଥିବାରୁ ଚଳିବା ଏକପ୍ରକାର ବନ୍ଦ ହୋଇଯାଇଛି। ତେଣୁ ଏହାକୁ ଗୁରୁତ୍ୱର ସହ ନେବାକୁ ଉଠାଦୋକାନୀ ସଞ୍ଜୟ ସାହୁ, ରବୀନ୍ଦ୍ର ସାହୁ, କପିଳ ନାୟକ, ଭରତ ପ୍ରଧାନ, ଅଜୟ ବେହେରା, ପ୍ରଫୁଲ୍ଲ ସ୍ୱାଇଁ ପ୍ରମୁଖ ଗଣଶିକ୍ଷା ମନ୍ତ୍ରୀ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

## କଣାସରେ ପଜିଟିଭ ସଂଖ୍ୟା ୧୦୬୩

କଣାସ,୨୫।୬(ସ୍ୱ.ପ୍ର.)

କଣାସ ବ୍ଲକରେ ଗତ ୨୨ଦିନ ହେଲା କରୋନା ଆକ୍ରାନ୍ତ ସଂଖ୍ୟା ଦୈନିକ ୧୫ରୁ ତଳେ ଥିବାବେଳେ ଶୁକ୍ରବାର ୨୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ବ୍ଲକରେ ସଂକ୍ରମିତ ସଂଖ୍ୟା ୧୦୬୩ରେ ପହଁଚିଥିବା ବେଳେ ୮୯୦ଜଣ ସୁସ୍ଥ ହୋଇଛନ୍ତି। ୯ଜଣ ମୃତ୍ୟୁବରଣ କରିଥିବା ବେଳେ ୧୦ ରୋଗୀ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଘରେ ୧୫୪ଜଣ ପଜିଟିଭ ରୋଗୀ ଚିକିତ୍ସିତ ହେଉଛନ୍ତି।

## ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ନେଇ ଆଲୋଚନା

ଡେଲାଙ୍ଗ, ୨୫।୬(ଡି.ଏନ୍.ଏ):

### ଡେଲାଙ୍ଗ ପଞ୍ଚାୟତ ସମିତି ବୈଠକ

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଗୁରୁବାର ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧକ୍ଷ ପ୍ରସନ୍ନ ସାହୁ ସଭାପତିତ୍ୱ କରିଥିବାବେଳେ ତହସିଲଦାର ମହେନ୍ଦ୍ର ବଡାଇ, ବ୍ଲକ ଉନ୍ନୟନ ଅଧିକାରୀ ଦିଲୀପ କୁମାର ଷଡ଼ଙ୍ଗୀ, ଅତିରିକ୍ତ ବିଡିଓ ପ୍ରଦୀପ କୁମାର ନାୟକ, ନିର୍ବାହୀ ଯନ୍ତ୍ରୀ ରାଜେଶ୍ୱର ମହାରଣା, କନିଷ୍ଠ ଯନ୍ତ୍ରୀ ଜଗନ୍ନାଥ ରାଉତ, ବିଶ୍ୱମୋହନ ପଟ୍ଟନାୟକ, ଚିତ୍ରୋତ୍ପଳା ନାୟକ, ମହିଳା ମହାସଂଘ ସମ୍ପାଦିକା ବାସନ୍ତୀ ସାହୁ, ସମିତିସଭ୍ୟ ପ୍ରଭାତ କୁମାର ଜେନା, ସରପଞ୍ଚ ପ୍ରତିନିଧି ରମଣୀ ରଞ୍ଜନ ଚମ୍ପତିରାୟ ପ୍ରମୁଖ ଉପସ୍ଥିତ ଥିଲେ। ୨୦ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟଙ୍କ ସହିତ ଯୋଡ଼ିହୋଇ ବିଗତ ଓ ଚଳିତ ଆର୍ଥିକ ବର୍ଷ ପାଇଁ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଫନୀ ସହାୟତା, କୋଭିଡ୍ ଚିକିତ୍ସା, ପାର୍କ ନିର୍ମାଣ, ୪ ଉଚ୍ଚ ବିଦ୍ୟାଳୟକୁ ସ୍ମାର୍ଟ ସ୍କୁଲରେ ପରିଣତ କରିବା, ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କ୍ରମେ ୭୨ଲକ୍ଷ ଓ ମୁଖ୍ୟମନ୍ତ୍ରୀଙ୍କ ସ୍ପେଶାଲ ଗ୍ରାଣ୍ଟରୁ ଆସିଥିବା ୭୯ ଲକ୍ଷ ଟଙ୍କାରେ ସମସ୍ତ ପଞ୍ଚାୟତରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ସେହିପରି ପାହାଡ଼ ବିଶ୍ୱନାଥ ଓ ଅରାଗଡ଼ ପାଇଁ ୧ କୋଟି ଲେଖାଏ ଅନୁଦାନର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ପଟିଦିଅଁଙ୍କ ନିକଟରେ ଲାଗିହେଲା ମହାପ୍ରସାଦ

ପୁରୀ ଅଫିସ, ୨୫।୬:

ପବିତ୍ର ସ୍ନାନପୂର୍ଣ୍ଣିମା ଅବସରରେ ସ୍ନାନମଣ୍ଡପରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଚତୁର୍ଦ୍ଧାବିଗ୍ରହ ଜ୍ୱରରେ ପୀଡ଼ିତ ହୋଇଛନ୍ତି। ଗୁରୁବାରଠାରୁ ମହାପ୍ରଭୁଙ୍କ ଅଣସର ନୀତି ଆରମ୍ଭ ହୋଇଛି। ଏହା ୧୫ଦିନ ଧରି ଚାଲିବ। ଶୁକ୍ରବାର ଅଣସରର ଦ୍ୱିତୀୟ ଦିବସ ଥିଲା। କରୋନା କଟକଣା ପାଇଁ ଗତବର୍ଷ ପରି ଚଳିତ ବର୍ଷ ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ ରହିଛି। ସେବାୟତମାନେ କେବଳ ପଟିଦିଅଁଙ୍କୁ ଦର୍ଶନ କରୁଛନ୍ତି। ଅନ୍ୟ ପକ୍ଷରେ ଦଇତାପତିମାନେ ଜ୍ୱରାକ୍ରାନ୍ତ ମହାପ୍ରଭୁଙ୍କୁ ଗୁପ୍ତ ଉପଚାର ଓ ସେବା କରୁଛନ୍ତି। ଅଣସର ସମୟରେ ଶ୍ରୀଜୀଉ ଶ୍ୱେତବସ୍ତ୍ର ପରିଧାନ କରିବାର ବିଧି ଥିବାବେଳେ ତୁଳସୀ ଲାଗି କରାଯାଏ ନାହିଁ। ଏହି ୧୫ଦିନ ମହାପ୍ରଭୁଙ୍କୁ କେବଳ ଧଳା ଫୁଲ ଲାଗି କରାଯାଏ। ବିଧି ଅନୁଯାୟୀ ଅଣସର ପିଣ୍ଡିରେ କେବଳ ଗୋଟିଏ ଦୀପ ଜଳୁଛି। ଘନ ଅନ୍ଧକାର ମଧ୍ୟରେ ଗୁପ୍ତ ନୀତି କରାଯାଉଛି। ଜଗମୋହନରୁ ଅଣସର ଘର ପର୍ଯ୍ୟନ୍ତ ନିଷିଦ୍ଧାଞ୍ଚଳ କରାଯାଇଛି। ଭଜନ, କୀର୍ତ୍ତନ, ଗୀତ, ଘଣ୍ଟ ଘଣ୍ଟା, କାହାଳୀ, ବାଜା ସବୁ ବନ୍ଦ ରହିଛି। ଚତୁର୍ଦ୍ଧାମୂର୍ତ୍ତି ଅଣସର ଘରେ ଥିବାବେଳେ ଦର୍ଶନ ପାଇବାରୁ ଭକ୍ତ ଓ ସେବାୟତ ବଞ୍ଚିତ ହୁଅନ୍ତି। ତେଣୁ ପଟିଦିଅଁଙ୍କୁ ଦର୍ଶନ କରି ସେମାନେ ଆତ୍ମତୃପ୍ତି ଲାଭ କରିଥାନ୍ତି। ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଅନନ୍ତ ନାରାୟଣ, ଶ୍ରୀବଳଭଦ୍ରଙ୍କ ସ୍ଥାନରେ ଅନନ୍ତ ବାସୁଦେବ ଏବଂ ଦେବୀ ସୁଭଦ୍ରାଙ୍କ ସ୍ଥାନରେ ମା' ଭୁବନେଶ୍ୱରୀ ପଟିଦିଅଁ ଭାବେ ପୂଜିତ ହେଉଛନ୍ତି। ଏହି ୧୫ଦିନ ମହାପ୍ରଭୁଙ୍କ ନିକଟରେ ପଣା ଓ ଚକଟା ଭୋଗ ଏବଂ ପଟିଦିଅଁଙ୍କୁ ଅନ୍ନ ମହାପ୍ରସାଦ ଭୋଗ ଲାଗି କରାଯାଉଛି। ଆସନ୍ତା ପଞ୍ଚମୀ ତିଥିରୁ ମହାପ୍ରଭୁଙ୍କ ଜ୍ୱର ଲାଘବ ପାଇଁ ଦଇତାପତିମାନେ ଫୁଲୁରି ତେଲ ଲାଗି କରିବାର ବିଧି ରହିଛି। ଏହାପରେ ରାଜବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ଦଶମୂଳୀ ମୋଦକ ସେବନ କରି ମହାପ୍ରଭୁ ସୁସ୍ଥ ହେବେ।




ପଟିଦିଅଁଙ୍କ ନିକଟରେ ମହାପ୍ରସାଦ ଲାଗିହେବା ପରେ ଶ୍ରୀମନ୍ଦିରରୁ ବାହାରକୁ ଅଣାଯାଉଛି।